୬ ଚାମ୍ପିଅନ୍ସ ଟ୍ରଫିରେ ସୁରକ୍ଷା ଦେବାକୁ ସଫା ସଫା ମନା କରିଦେଲେ ପାକିସ୍ତାନ ପୋଲିସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୨ ● ୨୭ ଫେବୃଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-32 ● 27th February 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଦେଶର ସବୁ ନାଗରିକଙ୍କୁ ମିଳିବ ପେନସନ ! ସରକାର ଆଣୁଛନ୍ତି ନୂଆ ଯୋଜନା

**ନୂଆଦିଲ୍ଲୀ, ୨୬।୨**

ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକମାନେ ବୟସର ଅପରାହ୍ନରେ ପହଞ୍ଚି ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇବାକୁ ସବୁଦିନ କାମ କରୁଛନ୍ତି।

ବୟସର ଗୋଟିଏ ସମୟରେ ପହଞ୍ଚିବା ପରେ ସମସ୍ତେ ଆରାମ ଜୀବନ ଚାହାନ୍ତି। କିନ୍ତୁ ସମସ୍ତଙ୍କୁ ଆରାମ ଜୀବନ ମିଳେ ନାହିଁ । କାରଣ ସେମାନଙ୍କୁ ଜୀବନର ଗାଡ଼ି ଆଗକୁ ନେବା ପାଇଁ କାମ କରିବାକୁ ପଡିଥାଏ। ଦୈନିକ କାମ କରି ପରିବାର ଚଳାଇବାକୁ ହୋଇଥାଏ। କାରଣ ଏବେ ଯାଏ କେବଳ ସରକାରୀ ଓ ଘରୋଇ ଚାକିରିଆମାନଙ୍କୁ ପେନସନ ମିଳୁଛି। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ । ଶ୍ରମିକମାନେ ବୟସର ଅପରାହ୍ନରେ ପହଞ୍ଚି ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇବାକୁ ସବୁଦିନ କାମ କରୁଛନ୍ତି । କାରଣ ସେମାନଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ।




କିନ୍ତୁ ଏବେ ସରକାର ଦେଶର ସବୁ ନାଗରିକଙ୍କ ପାଇଁ ପେନସନ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ସରକାର ଖୁବଶୀଘ୍ର ସାମୂହିକ ପେନସନ ସ୍କିମ ଆଣିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି ଯୋଜନା ଅଧୀନରେ ଦେଶର ସବୁ ନାଗରିକଙ୍କୁ ପେନସନର ଫାଇଦା ମିଳି ପାରିବ। ବର୍ତ୍ତମାନ ପ୍ରଚଳିତ ପେନସନ ଯୋଜନାକୁ ଏହା ସହ ମିଶାଇ ଦେଇ ପାରନ୍ତି। ବାର୍ଦ୍ଧ୍ୟକ ସମୟରେ ଦେଶର ସବୁ ଲୋକଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସରକାର ଏପରି ବ୍ୟବସ୍ଥା କରୁଛନ୍ତି।

ରିପୋର୍ଟ ଅନୁସାରେ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏହି ଯୋଜନା ଆଣିବାକୁ ଚିନ୍ତା କରୁଛି । ଜଣେ ଅଧିକାରୀ କହିଛନ୍ତି, ସାମୂହିକ ପେନସନ ଯୋଜନା ସଂପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ ଓ ଅଂଶଦାୟୀ ରହିବ ଅର୍ଥାତ ଜଣେ ନିଜ ଇଚ୍ଛାରେ ଆର୍ଥିକ ଯୋଗଦାନ କରିପାରିବେ। ଏହା କୌଣସି ଚାକିରି ସହ ଯୋଡ଼ି ହୋଇ ରହିବ ନାହିଁ । ଯେକୌଣସି ଲୋକ ଯୋଜନା ଜରିଆରେ ଆର୍ଥିକ ଯୋଗଦାନ କରି ପେନସନ ବ୍ୟବସ୍ଥାର ଲାଭ ଉଠାଇ ପାରିବେ।

## ଶିଶୁଙ୍କ ସାକ୍ଷ୍ୟ ଗ୍ରହଣଯୋଗ୍ୟ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ସାକ୍ଷ୍ୟ ଦେବାର କୌଣସି ବୟସସୀମା ନାହିଁ । ଶିଶୁମାନେ ବି ସାକ୍ଷ୍ୟ ଦେଇପାରିବେ। ବୟସ୍କମାନଙ୍କ ସାକ୍ଷ୍ୟକୁ ଯେପରି ଗ୍ରହଣ କରାଯାଉଛି ଶିଶୁମାନଙ୍କ ସାକ୍ଷ୍ୟ ବି ସେହିପରି ଗ୍ରହଣଯୋଗ୍ୟ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଏକ ହତ୍ୟା ମାମଲାରେ ୭ ବର୍ଷର ଝିଅର ସାକ୍ଷ୍ୟକୁ ଗ୍ରହଣ କରିବା ସହିତ ଅଭିଯୁକ୍ତକୁ ଦଣ୍ଡବିଧାନ କରି ସୁପ୍ରିମକୋର୍ଟ ଏହା କହିଛନ୍ତି।

ଏକ ହତ୍ୟା ମାମଲାରେ ମଧ୍ୟପ୍ରଦେଶ ହାଇକୋର୍ଟ ଅଭିଯୁକ୍ତକୁ ଦୋଷମୁକ୍ତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତର ଝିଅଙ୍କ ସାକ୍ଷ୍ୟକୁ ହାଇକୋର୍ଟ ଗ୍ରହଣ କରି ନ ଥିଲେ। ଅଭିଯୁକ୍ତ ଜଣଙ୍କ (ପୃଷ୍ଠା ୭ରେ)



ଏକାମ୍ର କ୍ଷେତ୍ର ଅଧିଷ୍ଠାତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ଚୂଡ଼ାରେ ମହାଦୀପ (ଫଟୋ-ସମ୍ବାଦ କଳିକା)

## ସେନା ଗାଡ଼ିକୁ ଆତଙ୍କବାଦୀଙ୍କ ଗୁଳିମାଡ଼



**ନୂଆଦିଲ୍ଲୀ, ୨୬।୨**

ଜମ୍ମୁ-କଶ୍ମୀରର ରଜୌରୀ ଅନ୍ତର୍ଗତ ସୁନ୍ଦରବନି ଅଞ୍ଚଳରେ ବୁଧବାର ସେନା ଗାଡ଼ି ଉପରେ ଆକ୍ରମଣ ହୋଇଛି । ସୁନ୍ଦରବନିର ଫଲ ଗ୍ରାମ ନିକଟ ଦେଇ ଯବାନମାନେ ଗାଡ଼ିରେ ଯାଉଥିବାବେଳେ ଆତଙ୍କବାଦୀମାନେ ଗାଡ଼ି ଉପରକୁ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ କେହି ମୃତାହତ ହୋଇଥିବା ନେଇ ସୂଚନା ମିଳିନାହିଁ।

ସୂଚନା ଅନୁସାରେ, ଆତଙ୍କବାଦୀମାନେ ନିକଟ ଜଙ୍ଗଲରେ ଲୁଚି ରହିଥିଲେ । ସେହିବାଟ ଦେଇ ଯବାନଙ୍କ ଗାଡ଼ି ଯିବା ସମୟରେ ଗୁଳିମାଡ଼ କରିଥିଲେ। ଫଳରେ ଯବାନମାନଙ୍କ ପକ୍ଷରୁ ଆତଙ୍କବାଦୀଙ୍କ ଉପରକୁ ପାଲଟା ଗୁଳିମାଡ଼ କରାଯାଇଥିଲା। ଯାହାଫଳରେ ଆତଙ୍କୀମାନେ ଜଙ୍ଗଲ ଭିତରକୁ ପଳାଇଥିଲେ। ସୂଚନାଯୋଗ୍ୟ ଫଲ ଗ୍ରାମ ନିକଟ ଜଙ୍ଗଲ ଦେଇ ଅଧିକାଂଶ ସମୟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିଥାଆନ୍ତି।

## ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ୧୦ କୋଟି ଟଙ୍କାର ଅନୁଦାନ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

**ଭଦ୍ରକ, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ପ୍ରସିଦ୍ଧ ଶୈବ କ୍ଷେତ୍ର ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କା ପ୍ରଦାନ କରାଯିବ। ବୁଧବାର ପବିତ୍ର ମହାଶିବରାତ୍ରିରେ ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି। ବୁଧବାର ସକାଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ବାବା ଆଖଣ୍ଡଳମଣିଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରିଥିଲେ। ଏହାପରେ ମନ୍ଦିର ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ



ଶ୍ରୀମତୀ ପରିଡ଼ା ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିର ଅନୁଦାନ ଦିଆଯିବା ନେଇ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ଯାହା ଆବଶ୍ୟକ, ତାର ବ୍ୟବସ୍ଥା କରିବେ ରାଜ୍ୟ ସରକାର।

ଏହାପରେ ମନ୍ଦିର ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିର ଅନୁଦାନ ଦିଆଯିବା ନେଇ ଘୋଷଣା କରିଥିଲେ।

## ଭାରତ ବିରୁଦ୍ଧରେ ହାଇପରସୋନିକ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଚୀନର ଯୋଜନା

**ବେଜିଂ/ମାନିଲା, ୨୬।୨**

ଦକ୍ଷିଣ ଚୀନ ସାଗରରେ ଚୀନ ଏବଂ ଫିଲିପାଇନ୍ସ ମଧ୍ୟରେ ବିବାଦ ଜାରି ରହିଛି। ଚୀନ ସମ୍ପୂର୍ଣ୍ଣ ଦକ୍ଷିଣ ଚୀନ ସାଗରକୁ ନିଜର ବୋଲି ଦାବି କରୁଛି। ଯେତେବେଳେ ଫିଲିପାଇନ୍ସ ଏହି ସମୁଦ୍ରରେ ନିଜର ଅଂଶ ଦାବି କରୁଛି ଭାରତଠାରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବା ପରେ ଫିଲିପାଇନ୍ସ ସହିତ ଚୀନର ବିବାଦ ଏବେ ବିପଜ୍ଜନକ ହେବାରେ ଲାଗିଛି।

ସଦ୍ୟତମ ରିପୋର୍ଟ ଅନୁସାରେ, ଚୀନ ଏକ ନୂତନ ବୁଡ଼ାଜାହାଜ ବିକଶିତ କରୁଛି, ଯାହା ପରମାଣୁ ହାଇପରସୋନିକ କ୍ଷେପଣାସ୍ତ୍ର ବହନ କରିପାରିବ । ଏହି ବୁଡ଼ାଜାହାଜକୁ ଫିଲିପାଇନ୍ସ ବିରୁଦ୍ଧରେ ନିୟୋଜିତ କରାଯିବ। ଆମେରିକୀୟ ଟାଇଫୁନ କ୍ଷେପଣାସ୍ତ୍ର ଏବଂ ଭାରତୀୟ ବ୍ରହ୍ମୋସ କ୍ଷେପଣାସ୍ତ୍ରର ନିୟୋଜନ ବିରୁଦ୍ଧରେ ଚୀନ ହାଇପରସୋନିକ କ୍ଷେପଣାସ୍ତ୍ର ନିୟୋଜନ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି।



ସୂଚନା ଅନୁସାରେ ଉହାନର ଏକ ଜାହାଜ କାରଖାନାରେ ନିର୍ମାଣାଧୀନ ବୁଡ଼ାଜାହାଜଟି ଫିଲିପାଇନ୍ସର ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ଟାର୍ଗେଟ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଆକ୍ରମଣାତ୍ମକ ବୁଡ଼ାଜାହାଜ ହେବ।

ବର୍ତ୍ତମାନ ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍ଏ) ଏହି ରିପୋର୍ଟକୁ ନିଶ୍ଚିତ କରିନାହିଁ ଯେ, ବୁଡ଼ାଜାହାଜ ଶ୍ରେଣୀ ବିକଶିତ ହେଉଛି କି ନାହିଁ । କିନ୍ତୁ (ପୃଷ୍ଠା ୭ରେ)

## ନକ୍ସଲଙ୍କ ମାଓ ଡମ୍ପରୁ ମେଡିକାଲ ସାମଗ୍ରୀ ଜବତ



**ମାଲକାନଗିରି, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଗୋମଗୁଡା ଠାରେ ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଏହି କ୍ୟାମ୍ପର ସୁରକ୍ଷା କର୍ମୀ ସର୍ଚ୍ଚ ଅପରସନ ବେଳେ ମିଓଗଟା ଜଙ୍ଗଲରେ ମାଓ ଡମ୍ପ ଉଦ୍ଧାର କରିଥିଲେ। ଏହି ମାଓ ଡମ୍ପରୁ ବିପୁଳ ପରିମାଣର ମେଡ଼ିକାଲ ସାମଗ୍ରୀ ଜବତ କରାଯାଇଛି । ଏଥିରେ ଚକ୍ଷୁ ପରୀକ୍ଷଣ ମେସିନ ମଧ୍ୟ ଜବତ କରାଯାଇଛି।

ଚକ୍ଷୁ ପରୀକ୍ଷଣ କିଟ୍ ସମେତ ନକ୍ସଲ ପୁସ୍ତକ, ଷ୍ଟେଥୋ, ଲୁହାଛଡ଼, ବିଦ୍ୟୁତ ତାର ଇତ୍ୟାଦି ବହୁ ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ଉରେ ସିଆରପିଏଫ ଓ କୋବ୍ରା ଯବାନ ସାମିଲ ଥିଲେ।

## ମାସିକ ଗଳ୍ପ ପତ୍ରିକା 'କଥା କଳିକା'ର ୧୧ତମ ସ୍ୱନକ୍ଷତ୍ର ସମାରୋହ

■ ଚଳିତ ବର୍ଷ ପାଇଁ 'କଥା କଳିକା ସମ୍ମାନ' ପ୍ରାପ୍ତ ହେବେ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ
■ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର ପାଇବେ-ବିଶିଷ୍ଟ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ୍



**ଭୁବନେଶ୍ୱର, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ସମକାଳୀନ ପ୍ରତିଷ୍ଠିତ ଓଡ଼ିଆ ମାସିକ ଗଳ୍ପ ପତ୍ରିକା 'କଥା କଳିକା'ର ୧୧ ତମ ସ୍ୱନକ୍ଷତ୍ର ଦିବସ ଆସନ୍ତା ମାର୍ଚ୍ଚ ୧୪ ତାରିଖ, ଶୁକ୍ରବାର, ଦୋଳ ପୂର୍ଣ୍ଣିମା ଅବସରରେ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି।

ଏହି ପୁରସ୍କାର ୨୦୨୪-୨୫ ମସିହା ପାଇଁ କଥାକଳିକା ପତ୍ରିକାରେ ପ୍ରକାଶିତ ଗଳ୍ପଗୁଡ଼ିକୁ ଆଧାର କରି ବିଚାରକ ମଣ୍ଡଳୀଙ୍କ ସ୍ୱୀକୃତି କ୍ରମେ ଏ ବର୍ଷ ପାଇଁ ପ୍ରଦାନ କରାଯିବ। 'କଥା କଳିକା ସମ୍ମାନ'- ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ, କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର-ବିଶିଷ୍ଟ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ୍, ସମାଜସେବୀ ରବୀନ୍ଦ୍ର ନାଥ ରାୟ ସ୍ମୃତି ପୁରସ୍କାର-ସ୍ନିଗ୍ଧା ନାୟକ, ପଦ୍ମାଳୟା ପାଢୀ (ଯୁଗ୍ମ ପ୍ରାପକ), ସୁଲେଖିକା ସୁପ୍ରଭା ରାୟ ଅନୁବାଦ ପୁରସ୍କାର-ରେବାଦାସ ପଟ୍ଟନାୟକ, ମନୋଜ ବେହେରା (ଯୁଗ୍ମ



ପ୍ରାପକ), ପିସ୍-ଫ୍ଲୁଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର-ସୋମା ଚାନ୍ଦ୍, ଅଶୋକ ବିଶ୍ୱାଳ (ଯୁଗ୍ମ ପ୍ରାପକ), 'କଥା କଳିକା' ଗଳ୍ପ ପ୍ରୋତ୍ସାହନ ପୁରସ୍କାର ପ୍ରାପକ-ଶୈଳେନ୍ଦ୍ର ଜେନା, ସୀମାଞ୍ଚଳ ଦାଶ, (ପୃଷ୍ଠା ୭ରେ)

## ମାର୍ଚ୍ଚ ୮ରୁ ପୋଲିସ ଏସ୍ଆଇ ପରୀକ୍ଷା:୧ରୁ ୱେବସାଇଟ୍‌ରେ ମିଳିବ ଆଡମିଟ୍ କାର୍ଡ

**କଟକ, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ ପୋଲିସ ଏସ୍ଆଇ ପରୀକ୍ଷା ଆସନ୍ତା ମାର୍ଚ୍ଚ ୮ ଓ ୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୋଲିସ ଏସ୍ଆଇ ଓ ତତ୍ତୁଲ୍ୟ ପଦବୀ ନିମନ୍ତେ ଏହି ପରୀକ୍ଷା ଓଏମ୍ଆର ସିଟ ମାଧ୍ୟମରେ କରାଯିବ। ଏଥିପାଇଁ ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ https://odishapolice.gov.in ୱେବସାଇଟ୍‌ରେ ଆସନ୍ତା ୧ରୁ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ନିଜର ୟୁଜର ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ଆଡମିଟ କାର୍ଡ ଡାଉନଲୋଡ କରିବା ସହ ପରୀକ୍ଷା ଓ ପରୀକ୍ଷା କେନ୍ଦ୍ର ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପାଇପାରିବେ । ସୂଚନାଯୋଗ୍ୟ, ଓଡ଼ିଶା ପୋଲିସରେ ୯୩୩ ପଦବୀ ପାଇଁ ପରୀକ୍ଷା ହେବା ନିମନ୍ତେ ଗତ ଜାନୁଆରୀ ୧୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ



କେଉଁଠି ନଦୀ ଶୁଖିଶୁଖି ଯାଏ
ଅସ୍ତିତ୍ୱ ଯାଉଛି ଲିଭି
କେଉଁଠି ଜଳରେ ବିଷ ଭରିଲାଣି
ମୁଣ୍ଡ ବିନ୍ଧେ ଭାବି ଭାବି
ନେତାଏ ଦେଖାନ୍ତି ଡିବି
ଲୋକ ଦେଖାଣିଆ ନିର୍ମଳ ଧରା
ଧ୍ୱଂସର ମୋଡନ୍ତି ଚାବି।

## କେଭି ସିଂହଦେଓଙ୍କ ଘରେ ଗୁରୁତ୍ୱପୂର୍ଣ୍ଣ ବୈଠକ: ବୋର୍ଡ ଓ ନିଗମରେ ନେତାଙ୍କ ନିଯୁକ୍ତି ନେଇ ଆଲୋଚନା



**ଭୁବନେଶ୍ୱର, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦୁଇଟି ପର୍ଯ୍ୟାୟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ରାଜଭବନ ନିକଟସ୍ଥ ବାସଭବନରେ ବିଜେପିର ବରିଷ୍ଠ ନେତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍‌ଙ୍କ ଉପସ୍ଥିତିରେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦ ପାଇଁ ନେତାଙ୍କ ନିଯୁକ୍ତି ଉପରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି। ଏଥି ସହ ୩୦ ଜିଲ୍ଲାର ଯୋଜନା ବୋର୍ଡ ଏବଂ ରାଜ୍ୟ ଯୋଜନା ବୋର୍ଡ ସଭାପତି ଓ ଉପାଧ୍ୟକ୍ଷ ପଦରେ ନିଯୁକ୍ତି ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସବିଶେଷ ଆଲୋଚନା ପରେ ଚୂଡାନ୍ତ ମନୋନୟନ ନେଇ ତାଲିକା ପ୍ରସ୍ତୁତ କରାଯିବ ଏବଂ ଖୁବ୍‌ଶୀଘ୍ର କୋର କମିଟିର ଅନୁମୋଦନ ପରେ ଘୋଷଣା ହେବ ବୋଲି କୁହାଯାଇଛି।

ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବୈଠକରେ ସାଂଗଠନିକ କାର୍ଯ୍ୟକ୍ରମ ଏବଂ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦରେ ନିଯୁକ୍ତି ବାବଦରେ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଏହାର ଫଳାଫଳ ଘୋଷଣା କରାଯିବ। ଅନ୍ୟପକ୍ଷରେ ପ୍ରଭାରୀ ଶ୍ରୀ ତୋମାର କହିଛନ୍ତି ଦଳୀୟ ନେତାମାନଙ୍କ ବୈଠକରେ ସାଂଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା ରୁଟିନ୍ ୱାର୍କ । ଆଗାମୀ ଦିନରେ କୋର କମିଟି ବୈଠକରେ ମଧ୍ୟ ଏହା ଉପରେ ଅଧିକ ଆଲୋଚନା କରାଯିବ। ବିଜେପି ରାଜ୍ୟସଭାପତି ଶ୍ରୀ ସାମଲ କହିଛନ୍ତି ସରକାର ଏବଂ ଦଳୀୟ ସଂଗଠନ ମଧ୍ୟରେ ସମ୍ମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟକ୍ରମ ଚାଲୁ ରହିଛି। ସରକାର ଠିକ୍‌ରେ ଚାଲିଛି। ଆଗକୁ ଆହୁରି ଭଲ ଚାଲିବ ବୋଲି ସେ କହିଛନ୍ତି। (ପୃଷ୍ଠା ୭ରେ)

## ୨୮ରୁ ବଢ଼ିବ ତାତି

**ଭୁବନେଶ୍ୱର, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ୨୮ ତାରିଖରୁ ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇପାରେ। ମଙ୍ଗଳବାର ତାପମାତ୍ରା ବୌଦ୍ଧରେ ସର୍ବାଧିକ ୩୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ୩୫ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ରାତିର ତାପମାତ୍ରା ରାଉରକେଲାରେ ସର୍ବନିମ୍ନ ୧୪.୧ ଡିଗ୍ରୀ ସେଲସିୟସ ରହିଥିଲା। ଅନ୍ୟପଟେ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ



କୃଷି ଓ ପାଣିପାଗ ସମନ୍ୱିତ ମାର୍ଗଦର୍ଶିକା ଜାରି କରାଯାଇଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ଫସଲ ଓ ପ୍ରାଣୀଧନ ସୁରକ୍ଷା ପାଇଁ ମାର୍ଗଦର୍ଶିକାରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି । ପନିପରିବା, ଫଳ, ଫୁଲ ଆଦି ବର୍ଗ ଅନୁସାରେ ଫସଲ ଓ ଏହାର ଅବସ୍ଥାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ପାଇଁ ସତର୍କ କରାଯାଇଛି । ବିଶେଷକରି ଗ୍ରୀଷ୍ମକାଳୀନ ଝଡ଼ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି।

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୭ ଫେବୃୟାରୀ ୨୦୨୫ ଗୁରୁବାର





# ପିଏମ୍ କିଷାନ୍ ସମ୍ମାନନିଧି ସମାରୋହ:ବାଲେଶ୍ୱର ଜିଲ୍ଲାର ୨ଲକ୍ଷ ୪୩ହଜାର ଚାଷୀ ଲାଭାନ୍ୱିତ

ବାଲେଶ୍ୱର, ନ୍ୟୁଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ରାଜ୍ୟର ଭାଗଲପୁର ସହର ଠାରେ ଆୟୋଜିତ ପିଏମ୍ କିଷାନ୍ ସମ୍ମାନନିଧିର ୬ ବର୍ଷ ପୂର୍ତ୍ତି ସମାରୋହରେ ଦେଶର ୯ କୋଟି ୮ ଲକ୍ଷ ଚାଷୀଙ୍କୁ ୨୨ ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ କିଷାନ୍ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ସଦର ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆଇଏଏସ୍ ପ୍ରୋବେସନ୍‌ର ଦୁଲାଲ୍ ଅଭିଷେକ ଦିଲୀପ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଭାଗଲପୁର ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବାହାନଗା ବ୍ଲକର ୧୫ ହଜାର ୩୮୧ ଜଣ, ବାଲେଶ୍ୱର ସଦର ବ୍ଲକର ୨୧ ହଜାର ୦୨୬ ଜଣ ବାଲିଆପାଳ ବ୍ଲକର ୨୪ ହଜାର ୧୭୮ ବସ୍ତା ବ୍ଲକର ୧୯ ହଜାର ୯୧୬ ଜଣ, ଭୋଗରାଇ ୪୦ ହଜାର ୭୨୮ ଜଣ, ଜଳେଶ୍ୱର ବ୍ଲକର ୨୧ ହଜାର ୦୭୨ ଜଣ, ଖଇରା ବ୍ଲକର ୨୬ ହଜାର ୧୮୦ ଜଣ, ନୀଳଗିରି ବ୍ଲକର ୧୨ ହଜାର ୮୧୬ ଜଣ, ଔପଦା ବ୍ଲକର ୧୦ ହଜାର ୪୨୩ ଜଣ, ରେମୁଣା ବ୍ଲକର ୧୬ ହଜାର ୯୪୪ ଜଣ, ସିମୁଳିଆ ବ୍ଲକର ୧୯ ହଜାର ୫୫୨ ଜଣ ଓ ସୋର ବ୍ଲକର ୧୫୨ ହଜାର ୪୦ ଜଣ ଚାଷୀଙ୍କ ସମେତ ବାଲେଶ୍ୱର ଜିଲ୍ଲାର ମୋଟ ୨ ଲକ୍ଷ ୪୩ ହଜାର ୪୫୬ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ପରିଚାଳନା କରି କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପି-ଏମ୍ କିଷାନ୍ ଯୋଜନା ଏକ କଲ୍ୟାଣକାରୀ ଯୋଜନା ବୋଲି କହିଥିଲେ । ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନି ଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଥାଏ ।

# ||||||||| ତିହିଡ଼ି ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର |||||||||

# ୧୧୭ଟି ଅଭିଯୋଗ ଆଗତ, ୩୧ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ



ଚଳିତ ଫେବୃୟାରୀ ମାସର ଶେଷ ସୋମବାରରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ତିହିଡ଼ି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ଏସ୍‌ପି ମାଡ଼କର ସନ୍ଦୀପ ସମ୍ପତ ଏହି ଶିବରରେ ଯୋଗଦେଇ ସମୁଦାୟ ୧୧୭ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୮୬ଟି ବ୍ୟକ୍ତିଗତ, ୨୬ଟି ଗ୍ରାମ ସମ୍ବନ୍ଧୀୟ ଓ ୫ଟି ରେଡ଼କ୍ରସ୍ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ସମୁଦାୟ ୨୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ପ୍ରାକ୍ତନ ବି.ଡ଼ି.ଓ. ଜ୍ୟୋତିର୍ମୟ କର ଏବଂ ନୂତନ ଭାବେ ଯୋଗଦେଇଥିବା ବି.ଡ଼ି.ଓ. ନିରଞ୍ଜନ ବାରିକ୍ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ରେଡ଼କ୍ରସ୍ ସମ୍ବନ୍ଧୀୟ ୫ ଜଣ ଆବେଦନକାରୀଙ୍କୁ ଆର୍ଥିକ ସହାୟତା ବାବଦକୁ ସମୁଦାୟ ୩୧ ହଜାର ଟଙ୍କା ପ୍ରଦାନ କାରାଯିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ ।

# କାନ୍ତକବିଙ୍କ ପୁଣ୍ୟ ତିଥିରେ ଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ



ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ସାରସ୍ୱତ ଦୁନିଆରେ ପ୍ରାତଃ ସ୍ମରଣୀୟ ଭଦ୍ରକ ମାଟିର ଗର୍ବ ଗୌରବ, ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀଧର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି ପୁଣ୍ୟତିଥି ଅବସରରେ ଭଦ୍ରକ ସହରର ଚାନ୍ଦବାଲି ବାଇପାସ୍ ଛକରେ ଅବସ୍ଥାପିତ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ତିହିଡ଼ି ବ୍ଲକର ତାଳପଦା ସ୍ଥିତ କାନ୍ତକବି ଜନ୍ମପୀଠକୁ ଗସ୍ତ କରି ସେଠାରେ ତାଙ୍କର ସମାଧିପୀଠ ଓ ସ୍ମୃତିକୁଟୀରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମି ମହୋତ୍ସବର ପ୍ରତିଷ୍ଠାତା ଅଜୟ ନାୟକ, ସାହିତ୍ୟିକା ରାଧାରାଣୀ ମହାପାତ୍ର ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ତାଳପଦାରେ ଜିଲ୍ଲାପରିଷଦ ସଦସ୍ୟ ଚିନ୍ତାମଣି ଦାସ, ଚିତ୍ରକର ଜୟନ୍ତ ନାୟକ, ତିହିଡ଼ି ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ଭାଗୀରଥି ଦତ୍ତ ଓ ଅନ୍ୟ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ । ସେହିପରି ଚାନ୍ଦବାଲି ବାଇପାସ୍ ଛକ ଭଦ୍ରକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ବିଶିଷ୍ଟ ବ୍ୟକ୍ତି ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡା, ଅଟଳବିହାରୀ ନାୟକ, ସମାଜସେବୀ ଏସ୍.ଏମ୍. ଫାରୁକ୍, ଲକ୍ଷ୍ମୀକାନ୍ତ ବାରିକ୍, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅଶୋକ କୁମାର ଦାସ ଓ ହୃଷିକେଶ ମହାନ୍ତି, ପୌରପାଳିକା ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ସାମ୍ବାଦିକ ରବିନାରାୟଣ ଖିଲାର, ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ସଙ୍ଗୀତଗୁରୁ ରାମନାରାୟଣ ମହାନ୍ତି "ବନ୍ଦେ ଉତ୍କଳ ଜନନୀ" ସଂଗୀତ ପରିବେଷଣ କରିଥିଲେ ।



# ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଦିବସ ପାଳିତ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ କେନ୍ଦୁଝରର ଟାଉନ୍ ଅଡିଟୋରିୟମ୍ ପରିସରରେ ଜିଲ୍ଲାସ୍ତରୀୟ କୃଷକ ସମ୍ମାନ ଦିବସ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ଆସି ଯୋଗ ଦେଇଥିଲେ । ଏହି ଅବସରରେ କେନ୍ଦୁଝର ଅଡିଟୋରୀୟମ୍ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର ଦ୍ୱାରା ପ୍ରାକୃତିକ କୃଷି ସମ୍ବନ୍ଧୀୟ ଏକ ଛୋଟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ବିହାରର ଭାଗଲପୁର ଠାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର କରକମଳରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମର ଚଳିତ ବର୍ଷର କିସ୍ତି ପ୍ରଦାନ କରାଯାଇଥିଲା । ପରେ ସମସ୍ତ ଚାଷୀ ଅଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାମ ସିଂ ଚୌହାନ ଓ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଅଭିଭାଷଣ ଶୁଣିଥିଲେ । ଦେଶ ବ୍ୟାପି ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ ତମ କିସ୍ତି ବଣ୍ଟନର ସିଧା ପ୍ରସାରଣ ଆଭାସି ମଞ୍ଚ ମାଧ୍ୟମରେ କରାଯାଇଥିଲା । କୃଷି ଏବଂ କୃଷକ ସଶକ୍ତି କରଣ ବିଭାଗର ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ସୁକାନ୍ତ କୁମାର ସାହୁ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଭାଗ୍ୟଧର ମହାନ୍ତ ଯୋଗଦେଇ ଚାଷୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ।

# ଚାଷୀ ଶୋଷଣ ପ୍ରତିବାଦରେ ଅନଶନ ଜାରି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସ୍ୱାଧୀନତା ସଂଗ୍ରାମ ସମୟରେ ଗାନ୍ଧୀଙ୍କ ଦ୍ୱାରା ପ୍ରଦତ୍ତ ବ୍ରହ୍ମାସ୍ତ୍ର ଅହିଂସକ ସତ୍ୟାଗ୍ରହ ଧାରାକୁ ଗଣତାନ୍ତ୍ରିକ ସରକାରମାନେ ନବୁଝିବା ଅତ୍ୟନ୍ତ ଲଜ୍ୟାଜନକ । ରାଜରାସ୍ତାରେ ପାଟିତୁଣ୍ଡ ହାଲ୍ଲାବୋଲ୍ କଲେ ସରକାର କହିବେ, ଆଇନ୍‌କୁ ହାତକୁ ନିଅନାହିଁ । କିନ୍ତୁ, ଏବେ ସମଗ୍ର ରାଜ୍ୟରେ ଧାନ କିଣାରେ ଆଇନ୍‌ଟା ଅକାମୀ ହୋଇଯାଉଛି, ଏ କଥାରେ ସରକାର ବ୍ୟତିବ୍ୟସ୍ତ ହେଉନାହାଁନ୍ତି । ମଣ୍ଡିରେ ଧାନ ସଂଗ୍ରହରେ ମିଲରମାନେ ବେଆଇନ୍ ଭାବେ ୫ରୁ ୧୦ କେଜି ବିନା କାରଣରେ ସଫା ସୁଖିଲା ଧାନ ଉପରୁ କାଟ୍ ବିରୁଦ୍ଧରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନ ଚଳାଇଛନ୍ତି । ଅଥଚ ରାଜ୍ୟ ପ୍ରଶାସନ ଏନେଇ ସକରାତ୍ମକ ମନୋଭାବ ନେଇ ଆଲୋଚନା କରୁନାହାଁନ୍ତି । ସରକାରଙ୍କ ନୈତିକ ଦାୟିତ୍ୱ ସେମାନେ ଲୋକଙ୍କ ଅଧିକାରର ସୁରକ୍ଷା ପାଇଁ କାମ କରିବା କଥା । ସରକାର ତାଙ୍କର ନୈତିକ ଦାୟିତ୍ୱ ପାଳନରେ ବିଫଳ ହେବାରୁ କ୍ରିୟାଶୀଳ ସଶକ୍ତ କୃଷକ ସଂଗଠନ ଭାବେ ଅଶନକୁ ଓହ୍ଲାଇଛୁ । ଅଥଚ ସରକାର ନିଦା ବିଷ୍ଣୁ ହୋଇ ନିଜର ସାମ୍ବିଧାନିକ ଅଧିକାରକୁ ପାଳନ ନକରି ନିଜ ଗାରିମାର କ୍ଷୁର୍ଣ୍ଣ କରୁଛନ୍ତି । କିନ୍ତୁ ନିଜର ନୈତିକ ଦାୟିତ୍ୱ ପାଳନ କରି ସରକାରଙ୍କ ଉପରେ ଅନଶନ ମାଧ୍ୟମରେ ଚାପ ପକାଇ ଚାଷୀ କୁଳକୁ ଶୋଷଣରୁ ରକ୍ଷା କରିବା ପାଇଁ ଶ୍ରୀ କୁମାର କ୍ରମାଗତ ଅନଶନ ଚଳାଇଛନ୍ତି । ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ୍ କମିଶନର ଦେବଦତ୍ତ ସିଂହ, ଏସିପି ମାନସ ଗଡ଼ନାୟକ ଆସି ଆନ୍ଦୋଳନ ସମ୍ବନ୍ଧରେ ଆଲୋଚନା କରି ଫେରିଛନ୍ତି । ରାଷ୍ଟ୍ର ବ୍ୟବସ୍ଥା ଜନ ସମସ୍ୟା ପ୍ରତି କ୍ରମାଗତ ଅବହେଳା କଲା ବେଳେ ନିଜର ଅକ୍ଷମଣୀୟ ଦୋଷକୁ ଭୁଲି ଯାଏ । କିନ୍ତୁ କ୍ରିୟାଶୀଳ କୃଷକ ଗୋଷ୍ଠୀ ଯେତେବେଳେ ଶସକ୍ତ ଭାବରେ ପ୍ରତିବାଦ କରନ୍ତି ସେତେବେଳେ ବିଭିନ୍ନ ବେନିୟମ ଦଫା ଲଗାଇ ଆମକୁ ଅତ୍ୟାଚାର କରାଯାଇଛି । ଏବେ ସରକାର ତାଙ୍କ ନିଜ ତରଫରୁ ଯେବେ ଆଲୋଚନାକୁ ଆସି ଧାନରେ ହେଉଥିବା ସୀମାହୀନ ଦୁର୍ନୀତିର ରୋକ୍ ନଲଗାନ୍ତି ତେବେ ଯାହା କାର୍ଯ୍ୟାନୁଷ୍ଠାନ ହେବ ସରକାର ଦାୟୀ ରହିବେ ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି । ଅନଶନରେ ନୟାଗଡ଼ ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନ, ବିଶିଷ୍ଟ ଶ୍ରମିକ ନେତା ରକ୍ଷାକର ଅନୁପମ, ଗଜପତି ଜିଲ୍ଲା ପ୍ରଭାରୀ ରଣଜିତ୍ ପଟ୍ଟନାୟକ, ସୁବ୍ରତ କୁମାର, ଜେନା କୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଘର ଉପରେ ଢଳି ରହିଥିବା ନଡିଆଗଛ କାଟିବା ପାଇଁ ଜିଲ୍ଲାକାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଦୀର୍ଘବର୍ଷ ହେଲା ଜଣେ ଅସହାୟ ଲୋକଙ୍କ ଘର ଉପରେ ପଡୋଶୀର ନଡିଆ ଗଛ ଢଳି ରହିଥିବାରୁ ଏହାକୁ କାଟିବା ପାଇଁ ଏହି ବ୍ୟକ୍ତିଜଣକ ଜିଲ୍ଲା ପ୍ରଶାସନ, ତହସିଲଦାର, ବ୍ଲକ ପ୍ରଶାସନ ଓ ପୋଲିସ୍ ପ୍ରଶାସନ ନିକଟରେ ଦୌଡି ଦୌଡି ନିରାଶ ହେବାପରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ପରିବାର ସହିତ ଧାରଣାରେ ଦେଖିବାକୁ ମିଳିଛି । ଆଳି ଥାନା ଅଧିନ ସୁଦର୍ଶନପୁର ଗ୍ରାମର ନରୋତମ ସୁତାରଙ୍କ ଘର ଉପରେ ପଡୋଶୀ ନଡିଆ ଗଛଟି ଶୋଇ ରହି ତାଙ୍କ ଘର ଉପରେ ନଡିଆ, ବାଉଁଙ୍ଗା ଇତ୍ୟାଦି ପଡୁଥିବା ସହ ପବନ, ବାତ୍ୟା ସମୟରେ କେଉଁ ମୁହୂର୍ତ୍ତରେ ଘର ଉପରେ ନଡିଆ ଗଛ ପଡି ଧନ ଜୀବନ ନଷ୍ଟ ହେବ ତାର କିଛି ଠିକ୍ ନାହିଁ । ଏହି ଗଛ କାଟିବା ପାଇଁ ଦୌଡି ଦୌଡି ନୟାନ୍ତ ହେଲାପରେ ପରିବାରର ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି । ତେବେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏହି ଧାରଣାରତ ପରିବାରକୁ ଡାକି ନଡିଆଗଛ କାଟିବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଓହରି ଯାଇଛନ୍ତି ।

# ବୈଶ୍ୟ ବଣିଆ ସମାଜର ଜିଲ୍ଲା କମିଟି ଗଠିତ:ଏପ୍ରିଲ ୬ ତାରିଖରେ ଲୋକାର୍ପଣ ଉତ୍ସବ

ଯାଜପୁର, ନ୍ୟୁଜ୍ ବ୍ୟୁରୋ




ନିଜ ଉତ୍କଳ ପୁଟୁଳି ବୈଶ୍ୟ ବଣିଆ ସମାଜ ଅନୁବନ୍ଧିତ ଯାଜପୁର ଜିଲ୍ଲା ପୁଟୁଳି ବୈଶ୍ୟ ବଣିଆ ସମାଜର ସାଧାରଣ ପରିଷଦ ବୈଠକ, ଆଗାମୀ ଜିଲ୍ଲା ସଂଗଠନ ଲୋକାର୍ପଣ ଉତ୍ସବ ଏବଂ ଜିଲ୍ଲା କମିଟି ଗଠନ କାର୍ଯ୍ୟ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଜାତି ଭାଇ କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗତ ବୈଠକର ବିବରଣୀ ପାଠ କରିଥିଲେ ଅଧ୍ୟାପକ ସଦାଶିବ ପୃଷ୍ଟି । ବରିଷ୍ଠ ସଭ୍ୟ ଅର୍ଜୁନ ଚରଣ ସାହୁ ପ୍ରାକ ସୂଚନା ରଖିଥିବା ବେଳେ ଜଗନ୍ନାଥ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରୁ ବହୁ ସଂଖ୍ୟକ ବରିଷ୍ଠ ଜାତି ଭାଇ ଏଥିରେ ଯୋଗଦେଇ ଜାତି ସମାଜର ଏକ ଜିଲ୍ଲା ଶାଖା ଗଠନ କରି ପୁଟୁଳି ବୈଶ୍ୟ ବଣିଆ ସମାଜକୁ ସଂଗଠିତ ପୂର୍ବକ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ଦାବି ହାସଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଆସନ୍ତା ଏପ୍ରିଲ ୬ ତାରିଖରେ ଜାତି ସମାଜ ଜିଲ୍ଲା ଶାଖାର ଲୋକାର୍ପଣ ଉତ୍ସବ ପାଳନ କରି ଜିଲ୍ଲାରେ ଏକ ସଶକ୍ତ ସଂଗଠନ ଗଢ଼ି ତୋଳିବା ଉପରେ ଉପସ୍ଥିତ ସଭ୍ୟମାନେ ପ୍ରସ୍ତାବ ରଖିଥିଲେ । ଲୋକାର୍ପଣ ଉତ୍ସବକୁ ସଫଳ ରୂପ ଦେବା ପାଇଁ ଏକ ଆଡହକ୍ କମିଟି ଗଠନ କରାଯାଇଛି । ଏହି କମିଟି ସମସ୍ତଙ୍କ ସହଯୋଗ ଏବଂ ପରାମର୍ଶରେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଛି । ଜାତି ସମାଜର ଜିଲ୍ଲା ଶାଖା ନିମ୍ନମତେ ଗଠନ କରାଯାଇଛି । ସଭାପତି - କୈଳାଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଅଜିତ କୁମାର ପୃଷ୍ଟି, ଉପସଭାପତି- ପ୍ରଶାନ୍ତ ନାୟକ ଓ ସୁଶାନ୍ତ ପୃଷ୍ଟି, ସାଧାରଣ ସମ୍ପାଦକ- ସଦାଶିବ ପୃଷ୍ଟି, କୋଷାଧ୍ୟକ୍ଷ – ଅରଜିତ ନାୟକ, ସଂଗଠନ ସମ୍ପାଦକ – ଜଗନ୍ନାଥ ସାହୁ, ଯୁଗ୍ମ ସଂଗଠନ ସମ୍ପାଦକ –ରଘୁନାଥ ନାୟକ, ସହ ସମ୍ପାଦକ –ଅଶୋକ ନାୟକ ଓ ବିଭୂ ପ୍ରସାଦ ପୃଷ୍ଟି, ଅଫିସ ସମ୍ପାଦକ – ଜଗତ ନାୟକ ଏବଂ ସହଯୋଗୀ ସମ୍ପାଦକ ମହେଶ୍ୱର ନାୟକ । ସେହିପରି କାର୍ଯ୍ୟକାରୀ କମିଟିରେ ରାଜକିଶୋର ପୃଷ୍ଟି, କୈଳାସ ଚନ୍ଦ୍ର ପୃଷ୍ଟି, ବିମଳେନ୍ଦୁ ପୃଷ୍ଟି, ମଦନ ସେନାପତି, ଭିକାରୀ ନାୟକ, ପ୍ରଫୁଲ୍ଲ ପୃଷ୍ଟି, ବନମାଳୀ ପୃଷ୍ଟି, ଅଜୟରାମ ସାହୁ, ସୁରେନ୍ଦ୍ର ନାୟକ, ଗୁଣନିଧି ମହାନ୍ତି, ନୀଳକଣ୍ଠ ନାୟକ, ନରେନ୍ଦ୍ର ନାୟକ, ବିଷ୍ଣୁ ନାୟକ, ପ୍ରଦୀପ ସାହୁ, ହରିହର ସେନାପତି, ଗୋପାଳ ନାୟକ, ପର୍ଶୁରାମ ନାୟକ, ବାଇଧର ନାୟକ, ନରେନ୍ଦ୍ର ନାୟକ ଏବଂ ଦେବବ୍ରତ ନାୟକ ରହିଛନ୍ତି । ବରିଷ୍ଠ ସଭ୍ୟ ଅର୍ଜୁନ ସାହୁ, ଦିଗମ୍ବର ସାହୁ, ହୃଷୀକେଶ ପୃଷ୍ଟି, ଶରତ ପୃଷ୍ଟି, ସଦାନନ୍ଦ ସାହୁ, ଅଶୋକ ନାୟକ, ବଳରାମ ସାହୁ, ଅଧ୍ୟାପକ ସୌଭାଗ୍ୟ ସାହୁ, ଅନିରୁଦ୍ଧ ପୃଷ୍ଟି, ନିରଞ୍ଜନ ସାହୁ ଓ ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି । ଶେଷରେ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨ ତାରିଖରେ କର୍ମକର୍ତ୍ତା ମାନଙ୍କ ବୈଠକ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି ।

# ଘରୋଇ ବିଦ୍ୟାଳୟକୁ ସଂରକ୍ଷଣ କୋଟା ଟଙ୍କା ଆସୁନି:ଗଞ୍ଜାମ ଜିଲ୍ଲା ଡିଇଓ କାର୍ଯ୍ୟାଳୟରେ ଅଭିଯୋଗ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ପ୍ରାଇଭେଟ୍ ସ୍କୁଲଗୁଡ଼ିକରେ ସଂରକ୍ଷଣ କୋଟାରୁ ଟଙ୍କା ମିଳୁନଥିବା ଅଭିଯୋଗ ହୋଇଛି । ଯାହାଫଳରେ ଲକ୍ଷାଧିକ ଟଙ୍କାର କ୍ଷତି ସହୁଛନ୍ତି ମାଲିକ । ଉତ୍ତମ ଶିକ୍ଷା ପ୍ରାପ୍ତି ପାଇଁ ଧନୀ ଶ୍ରେଣୀର ବ୍ୟକ୍ତିମାନେ ନିଜର କୁନି ଛୁଆମାନଙ୍କୁ ପ୍ରାଇଭେଟ୍ ସ୍କୁଲରେ ଆଡ଼ମିଶନ୍ କରିଥାନ୍ତି । କିନ୍ତୁ ୨୫% ସଂରକ୍ଷଣ କୋଟାରେ ଆଡ଼ମିଶନ୍ ହୋଇଥିବା ପିଲାମାନଙ୍କ ପାଇଁ ସରକାର ସମସ୍ତ ସୁବିଧା ସହ ଅର୍ଥ ମଧ୍ୟ ଯୋଗାଇଥାଆନ୍ତି । ଏହି ସଂରକ୍ଷଣ କୋଟାରେ ଆଡ଼ମିଶନ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସମସ୍ତ କାଗଜ ବ୍ଲକ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ହେବା ପରେ ଡ଼ିଇଓ ପାଖକୁ ଯାଇଥାଏ କିନ୍ତୁ ଗଞ୍ଜାମ ଜିଲ୍ଲା ଡ଼ିଇଓ କାର୍ଯ୍ୟାଳୟ ପକ୍ଷରୁ ପାତର ଅନ୍ତର ସହ ଅବହେଳା କରାଯାଉଛି । ଯାହାଫଳରେ କିଛି ପ୍ରାଇଭେଟ୍ ସ୍କୁଲ୍ ସଂରକ୍ଷଣ କୋଟାରେ ଆଡ଼ମିଶନ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ବହନ କରାଯାଉନାହିଁ । ପ୍ରଶାସନିକ ସ୍ତରର ଅବହେଳା ଯୋଗୁଁ ପ୍ରାଇଭେଟ୍ ସ୍କୁଲର ମାଲିକମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡୁଥିବା ପ୍ରକାଶ କରିଛନ୍ତି । ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଗଞ୍ଜାମ ବ୍ଲକର ଏକ ପ୍ରାଇଭେଟ୍ ସ୍କୁଲର ମାଲିକ କହିଛନ୍ତି ଯେ ଶିକ୍ଷା ବର୍ଷ ୨୦୨୧-୨୨ ମସିହାରେ ୭ଜଣ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ କୋଟାରେ ଆଡ଼ମିଶନ୍ କରିଥିଲେ କିନ୍ତୁ କାଗଜପତ୍ର ବିଇଓ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ହେବା ପରେ ୫ ଜଣ ଛାତ୍ରଛାତ୍ରୀମାନଙ୍କୁ ଅନୁମୋଦନ କରି ଡ଼ିଇଓ କାର୍ଯ୍ୟାଳୟକୁ କାଗଜପତ୍ର ସ୍ଥାନାନ୍ତରିତ ହୋଇଥିଲା କିନ୍ତୁ ଡ଼ିଇଓ କାର୍ଯ୍ୟାଳୟରେ ତାହା ଆଜି ପର୍ଯ୍ୟନ୍ତ ପେଣ୍ଡିଙ୍ଗ ହୋଇ ପଡ଼ିରହିଛି । ବିଲ୍ ପାସ୍ ହୋଇଥିଲେ ସରକାରଙ୍କ ପକ୍ଷରୁ ୮୫,୨୫୦ ଟଙ୍କା ମିଳିଥାନ୍ତା । ଉକ୍ତ ସ୍କୁଲ୍‌ରେ ୨୦୨୨-୨୩ ମସିହାରେ ସଂରକ୍ଷଣ କୋଟାରୁ ୧୩ ଜଣ ଛାତ୍ରଛାତ୍ରୀମାନଙ୍କୁ ଆଡ଼ମିଶନ୍ କରାଯାଇଥିଲା କିନ୍ତୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ପରେ ବଛାବଛି ହୋଇ ୧୧ ଜଣ ଛାତ୍ରଛାତ୍ରୀଙ୍କୁ ଆଡ଼ମିଶନ୍ ପାଇଁ ଅନୁମତି ମିଳିଥିଲା ତାହା ମଧ୍ୟ ବିଇଓ ଲେବଲ୍‌ରେ ଅନୁମୋଦନ ହେବା ପରେ ଡ଼ିଇଓ ଲେବଲ୍‌ରେ ପେଣ୍ଡିଙ୍ଗ ହୋଇ ପଡ଼ିରହିଛି । ଯାହାକି ଉକ୍ତ ସ୍କୁଲ୍‌ଟିକୁ ସରକାରଙ୍କ ପକ୍ଷରୁ ୧,୯୨୩୦୦ ଟଙ୍କା ମିଳିଥାନ୍ତା । ସେହିପରି ଶିକ୍ଷାବର୍ଷ ୨୦୨୩-୨୪ରେ ସଂରକ୍ଷଣ କୋଟାରେ ୧୯ଜଣ ଛାତ୍ରଛାତ୍ରୀଙ୍କୁ ୩,୧୯୫୦୦ ଟଙ୍କା ବିଲ୍ ପାସ୍ ହେବାପରେ ମିଳିଥାନ୍ତା କିନ୍ତୁ ଡ଼ିଇଓ କାର୍ଯ୍ୟାଳୟର ଅବହେଳା ଯୋଗୁଁ ଅଫିସ୍‌ରେ ପେଣ୍ଡିଙ୍ଗ ହୋଇ ରହିଛି । ଡ଼ିଇଓ କାର୍ଯ୍ୟାଳୟ ପକ୍ଷରୁ ସଂରକ୍ଷଣ କୋଟାକୁ ନେଇ ସରକାରଙ୍କ ପାଖରେ କୌଣସି ତଥ୍ୟ ପହଞ୍ଚାଇବାକୁ ଦେଉନଥିବା ନେଇ ଅଭିଭାବକ ମହଲରେ ମତପ୍ରକାଶ ପାଇଛି । କିଛି ପ୍ରାଇଭେଟ୍ ସ୍କୁଲ୍‌କୁ ସଂରକ୍ଷଣ କୋଟାକୁ ନେଇ ପାତରଅନ୍ତର କରି ଡ଼ିଇଓ କାର୍ଯ୍ୟାଳୟ ପକ୍ଷରୁ ଅନୁମୋଦନ କରାଯାଉଛି । ଏମାନଙ୍କ ପାତରଅନ୍ତର ଯୋଗୁଁ କିଛି ପ୍ରାଇଭେଟ୍ ସ୍କୁଲ୍ ଓ ଶିଶୁ ବିଦ୍ୟା ମନ୍ଦିର ସ୍କୁଲ୍‌ଗୁଡ଼ିକ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡ଼ିଛି । ଉକ୍ତ ମାଲିକ ବା ଅଧ୍ୟକ୍ଷ ଜଣଙ୍କ ପୂର୍ବ ଡ଼ିଇଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ କିନ୍ତୁ ଡ଼ିଇଓ ଜଣଙ୍କ ସଂରକ୍ଷଣ କୋଟାର ଟଙ୍କାର ଭୁଲିଯାଅ ବୋଲି ପ୍ରତିକ୍ରିୟା ରଖିଥିବା ସେ ଜଣାଇଛନ୍ତି । ଆହୁରି ସେ କହିଛନ୍ତି ଯେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରକାରୀ ନିୟମ ଅନୁଯାୟୀ ୨୫% ସଂରକ୍ଷଣ କୋଟାରେ ଆଡ଼ମିଶନ୍ କରିବି କିନ୍ତୁ ସରକାରୀ ସ୍ତରରେ ଏପରି ଅବହେଳା ହେବା ପରେ ନିଜ ଅନୁଷ୍ଠାନର ୧୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ଦେବା ପାଇଁ ଅସମ୍ଭବ ହୋଇଯାଉଛି । ସଂରକ୍ଷଣ କୋଟାରୁ ୪ ବର୍ଷ ମଧ୍ୟରେ କୋଟା ବିଲ୍ ପାସ୍ ହୋଇଥିଲେ ମୋଟ୍ ୧୨ ଲକ୍ଷ ଟଙ୍କା ମିଳିଥାନ୍ତା କିନ୍ତୁ ପ୍ରଶାସନିକ ସ୍ତରର ଅବହେଳା ଯୋଗୁଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡୁଛି । ତେଣୁ ଗଞ୍ଜାମ ଜିଲ୍ଲାପାଳ ଓ ରାଜ୍ୟ ସରକାର ଏହାର ଦୃଷ୍ଟି ଆକର୍ଷଣ ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ଘରୋଇ ଚିକିତ୍ସା ବ୍ୟବସ୍ଥା:ଫି' ୪୦୦, ଟେଷ୍ଟ ହଜାରେ, ରୋଗୀ ନାକେଦମ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସହରରେ ରହିଛି ଦକ୍ଷିଣ ଓଡ଼ିଶାର ପ୍ରମୁଖ ଏମ୍‌କେସିଜି ବଡ଼ ଡ଼ାକ୍ତରଖାନା । ଏହା ସହ ସହର ଭିତରେ ରହିଛି ସିଟି ହସ୍‌ପିଟାଲ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ଏ ସମସ୍ତ ସରକାରୀ ଡ଼ାକ୍ତରଖାନା ରହିଥିବା ସତ୍ତ୍ୱେ ସହରରେ ମାଳ ମାଳ ସଂଖ୍ୟାରେ ରହିଛି ଘରୋଇ ଚିକିତ୍ସା କେନ୍ଦ୍ର । ପ୍ରତିଦିନ ବଡ଼ଡ଼ାକ୍ତରଖାନା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରକାରୀ ଡ଼ାକ୍ତରଖାନାରେ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ବ୍ରହ୍ମପୁର ସହରକୁ ଆସିଥାନ୍ତି । ସରକାରୀ ସୁବିଧା ରହିବା ସତ୍ତ୍ୱେ ଘରୋଇ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ବି କିଛି କମ୍ ନାହିଁ । ଘରୋଇ ଚିକିତ୍ସା କେନ୍ଦ୍ରରେ ଡ଼ାକ୍ତର ପରାମର୍ଶ ଠାରୁ ଆରମ୍ଭ କରି ବିଭିନ୍ନ ପରୀକ୍ଷା ଓ ଔଷଧ କିଣା ବାବଦରେ ରୋଗୀ ନାକେଦମ୍ ହେଉଛନ୍ତି । ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଦର ନିର୍ଦ୍ଧାରଣ ନେଇ କୌଣସି ସରକାରୀ ନିୟମ ରହୁନଥିବା ଯୋଗୁଁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଶୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଘରୋଇ ଚିକିତ୍ସା କେନ୍ଦ୍ରଗୁଡ଼ିକର ଦର ଚିନ୍ତାର କାରଣ ପାଲଟିଛି । ଡ଼ାକ୍ତରଙ୍କ ସହ ଦେଖା କରି ଚିକିତ୍ସା ପରାମର୍ଶ ପାଇଁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ୪୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କିଛି କିଛି ସ୍ଥାନରେ ଏହା ୬୦୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଏହା ବାବଦେ ଡ଼ାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ, ମଳ, ମୂତ୍ର ସହ ଅନ୍ୟାନ୍ୟ ପରୀକ୍ଷା ପାଇଁ ସର୍ବନିମ୍ନ ଖର୍ଚ୍ଚ ହଜାରେ ଟଙ୍କାରୁ ଉର୍ଦ୍ଧ୍ୱ ରହୁଥିବା ବେଳେ ଔଷଧ କିଣା ପାଇଁ ୫୦୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି । ସାମାନ୍ୟ ଜ୍ୱର, ଥଣ୍ଡାକାଶ କିମ୍ବା ପେଟଜନିତ ସମସ୍ୟା ପାଇଁ ଘରୋଇ ଚିକିତ୍ସା କେନ୍ଦ୍ରକୁ ଥରେ ଆସିଲେ ଅତି କମ୍‌ରେ ରୋଗୀଙ୍କୁ ଦୁଇରୁ ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି । ଥରକରେ ସୁସ୍ଥ ହେଲେ ଭଲ କଥା, ନଚେତ୍ ବାରମ୍ବାର ଔଷଧ କିଣା ଓ ବିଭିନ୍ନ ଟେଷ୍ଟ ପାଇଁ ହଜାର ହଜାର ଟଙ୍କା ଗଣିବାକୁ ପଡୁଥିବା ରୋଗୀ ସମ୍ପର୍କୀୟମାନେ କହିଛନ୍ତି । ସହରରେ ଘରୋଇ ଚିକିତ୍ସା କ୍ଷେତ୍ରରେ ଏଭଳି ସ୍ଥିତି ଲାଗି ରହିଥିବା ବେଳେ ଏହାକୁ ନେଇ ଜନସାଧାରଣ ଚିନ୍ତା ପ୍ରକଟ କରିଛନ୍ତି । ସରକାରଙ୍କ ପକ୍ଷରୁ ଏଭିଳି ବେଲଗାମ୍ ବ୍ୟବସ୍ଥା ଉପରେ କେବେ ନିୟନ୍ତ୍ରଣ ଅଣାଯିବ ବୋଲି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ବଡ଼ ଡ଼ାକ୍ତରଖାନା କେବଳ ଦକ୍ଷିଣ ଓଡ଼ିଶା ନୁହେଁ, ଏହା ସମଗ୍ର ଓଡ଼ିଶାର ଏକ ପ୍ରମୁଖ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ପରିଚିତ । ଦକ୍ଷିଣ ଓଡ଼ିଶା ସହ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟର ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇଁ ଏହା ଉପରେ ନିର୍ଭର କରିଥାନ୍ତି । ଏହାବାଦ୍ ସହରରେ ଅନେକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ତେବେ ସରକାରୀ ଡ଼ାକ୍ତରଖାନା ଗୁଡ଼ିକର ବ୍ୟବସ୍ଥା, ଚିକିତ୍ସା ସୁବିଧା, ଡ଼ାକ୍ତର ଅଭାବ ସାଙ୍ଗକୁ ଧାଡ଼ି ଯନ୍ତ୍ରଣାରୁ ବର୍ତିବା ପାଇଁ ରୋଗୀ ବାଧ୍ୟ ହୋଇ ଘରୋଇ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଛି । ସରକାରୀ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସାଙ୍ଗକୁ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭଲ ଡ଼ାକ୍ତର ରହୁଥିବା ଦର୍ଶାଇ କିଛି ଘରୋଇ ସଂସ୍ଥା ଦଲାଲଙ୍କୁ ନିଯୁକ୍ତି ବି କରିଥାନ୍ତି । ଏମାନେ ପ୍ରତିଦିନ ସରକାରୀ ଡ଼ାକ୍ତରଖାନାକୁ ଯାଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଫୁସୁଲାଇ ଘରୋଇ ଚିକିତ୍ସା କେନ୍ଦ୍ର ମୁହାଁ କରାଯାଉଛି । ଘରୋଇ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପୂର୍ଣ୍ଣ ବ୍ୟବସାୟିକ ପ୍ରକ୍ରିୟାରେ ଚାଲିଥିବା ଯୋଗୁଁ ଏଥିନେଇ ଏକ ର୍‍ୟାକେଟ୍ କାମ କରୁଛି । ସେଭଳି ସରକାରୀ ଡ଼ାକ୍ତରଖାନାରେ କାର୍ଯ୍ୟରତ ଅଧିକାଂଶ ଡ଼ାକ୍ତର ନାମକୁ ମାତ୍ର ଡ଼ାକ୍ତରଖାନାକୁ ଯାଇ ଅଧିକାଂଶ ସମୟରେ ନିଜ କ୍ଲିନିକ୍ ଉପରେ ଗୁରୁତ୍ୱ ଦେଉଛନ୍ତି । ଘରୋଇ ଚିକିତ୍ସା କେନ୍ଦ୍ର ଗୁଡ଼ିକ ଏଭଳି ଭାବେ କାମ କରୁଛି ଯେ, ରୋଗୀ ସେଠାରେ ପାଦ ଦେଉ ଦେଉ ଶୋଷଣର ଶିକାର ହେବାକୁ ବାଧ୍ୟ ହେଉଛି । ଘରୋଇ କ୍ଲିନିକ୍‌ରେ ଡ଼ାକ୍ତରଙ୍କ ଫି' ଠାରୁ ଆରମ୍ଭ କରି ନମୁନା ପରୀକ୍ଷା ଓ ଔଷଧ କିଣିବା ପାଇଁ ବି ନିର୍ଦ୍ଦିଷ୍ଟ ଔଷଧ ଦୋକାନ ଓ ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟରକୁ ଯିବାକୁ ବାଧ୍ୟ କରାଯାଉଛି । କିଛି ଡ଼ାକ୍ତର ନିଜ ପ୍ରେସ୍‌କ୍ରିପ୍‌ସନ୍‌ରେ ଏଭଳି ଔଷଧ ଲେଖୁଛନ୍ତି ତାହା ସହର ସାରା ବୁଲିଲେ ମିଳିବ ନାହିଁ କିନ୍ତୁ ଉକ୍ତ କ୍ଲିନିକ୍ ନିକଟରେ ଥିବା ଔଷଧ ଦୋକାନରେ ହିଁ ଏହା ଉପଲବ୍ଧ ରହୁଛି । ଫଳରେ ରୋଗୀ ସେଠାରୁ ହିଁ ଔଷଧ କିଣିବାକୁ ବାଧ୍ୟ ହେଉଛି । ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟରକୁ ଯିବା ମାତ୍ରକେ ପ୍ରେସ୍କ୍ରିପ୍‌ସନ୍‌ରେ ଡ଼ାକ୍ତରଙ୍କ ନାମ ରହିଥିଲେ ଭଲ କଥା ନଚେତ୍ କେଉଁ ଡ଼ାକ୍ତର ପଠାଉଛନ୍ତି ତାଙ୍କ ନାମ କହିବାକୁ କୁହାଯାଉଛି । ଏଥିରୁ ସମ୍ପୃକ୍ତ ଡ଼ାକ୍ତର ଓ ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟରରେ ଭିତିରିଆ କାରବାର ସ୍ପଷ୍ଟ ଜଣାପଡୁଛି । ପ୍ରତି ସପ୍ତାହରେ ବ୍ରହ୍ମପୁର ସହରକୁ ବିଶାଖାପାଟଣା ଠାରୁ ଆରମ୍ଭ କରି କଟକ, ଭୁବନେଶ୍ୱରରୁ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ସହରର ବିଭିନ୍ନ କ୍ଲିନିକ୍‌କୁ ଆସୁଛନ୍ତି । ଏହି ସମସ୍ତ ପ୍ରକ୍ରିୟା ଭିତରେ ଏକ ବଡ଼ ଧରଣର କାରବାର ଚାଲିଛି । ଗରୀବ ଶ୍ରେଣୀର ରୋଗୀ ନିଜ ଚିକିତ୍ସା ପାଇଁ ଧାରକରଜ କରିବାକୁ ପଡୁଥିବା ବେଳେ ଏ ଦିଗରେ ଶୋଷଣର ଅନ୍ତ ହେଉନାହିଁ । ରୋଗର ନିରାକରଣ ପାଇଁ ମଲିକ୍ୟୁଲ୍ ନାଁ ଲେଖିବା ପାଇଁ ସୁପ୍ରିମ୍‌କୋର୍ଟର ସ୍ପଷ୍ଟ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଡ଼ାକ୍ତରମାନେ କମ୍ପାନୀଗୁଡ଼ିକର ଔଷଧ ଲେଖି ସେଥିରୁ ଭଲ ଦୁଇ ପଇସା ରୋଜଗାର କରୁଥିବା ଅଭିଯୋଗ ହେଉଛି । କିଛି ଡ଼ାକ୍ତର କେବଳ କିଛି ସାଙ୍କେତିକ ଭାଷା କିମ୍ବା ନମ୍ବର ଲେଖି ନିର୍ଦ୍ଦିଷ୍ଟ ଷ୍ଟୋର୍‌ରୁ ଔଷଧ କିଣିବାକୁ ପ୍ରବର୍ତ୍ତାଉଛନ୍ତି । ବର୍ଷ ବର୍ଷ ଧରି ଏହି କାରବାର ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ନାଚାର ହୋଇପଡିଛନ୍ତି । ଏ ଦିଗରେ କୌଣସି ଆଙ୍କୁଶ ନଥିବା ଯୋଗୁଁ ରୋଗୀଙ୍କ ରୋଗ ଯନ୍ତ୍ରଣା ଠାରୁ ଶୋଷଣ ଯନ୍ତ୍ରଣା ବଳିପଡୁଛି । ସରକାର ଦି ଦିଗରେ ପଦକ୍ଷେପ ନେଇ ଘରୋଇ କ୍ଲିନିକ୍ ହେଉ ଅବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକରେ ଡ଼ାକ୍ତରଙ୍କ କନ୍‌ସଲେଟସି ଫି' ନିର୍ଦ୍ଧାରଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।




# ତରଭା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି:୬୨ ମାମଲା ପଞ୍ଜିକୃତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୨ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୫୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୦୩ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ଶୁଣାଣି ସମୟ ମଧ୍ୟରେ ଫଇସଲା ହୋଇଥିଲା । ସେହିପରି ସିଏମ୍ ରିଲିଫ ଫଣ୍ଡରୁ ସହାୟତା ନିମନ୍ତେ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଅବଶିଷ୍ଟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା, ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ସମେତ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅଚ୍ୟୁତନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଉପପ୍ରାନ୍ତୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାକା, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁଓଡିଏଲ୍ ଇଂ ଅଶୋକ କୁମାର ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଡିଏସ୍‌ଡବ୍ଲୁ ପ୍ରୋଗ୍ରାମ୍ ଅଧିକାରୀ ଅନିତା ଗୁରୁ, ନିର୍ବାହୀ ଯନ୍ତ୍ରୀ ଓ ଏଲ୍‌ଆଇସି ଇଂ ରବୀନ୍ଦ୍ର କୁମାର ମାଝୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ଲକ୍ଷ୍ମୀକାନ୍ତ ମଲ୍ଲିକ ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ବରାହ ମନ୍ଦିର ପରିସରରେ ବ୍ୟାପକ ବୃକ୍ଷ ରୋପଣ

ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା, ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ ଗ୍ରାମ ପଞ୍ଚାୟତ ହରିପୁର ଗ୍ରାମରେ ଦ୍ୱିତୀୟ ବରାହ ମନ୍ଦିର ଅବସ୍ଥିତ ମନ୍ଦିର ବେଢ଼ା ମଧ୍ୟରେ ଓ ପାର୍ଶ୍ୱରେ ଥିବା ପତିତ ଜମିରେ ଗ୍ରାମର ଉଦୀୟମାନ ଯୁବକ ଉଦୟ ନାଥ ଜେନା ନିଜସ୍ୱ ଇଚ୍ଛା ଶକ୍ତି ମଧ୍ୟରେ ଗଛ ଲଗାଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି । ଏତଦ୍‌ଭିନ୍ନ ବ୍ରାହ୍ମଣୀ ନଦୀ ପାର୍ଶ୍ୱବର୍ତ୍ତୀ ଗୋଳକୁଣ୍ଡ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ପଶ୍ଚିମାମୁଖୀ, ମା' ମଙ୍ଗଳା ମନ୍ଦିର ଅବସ୍ଥିତ ଏହାର ପାର୍ଶ୍ୱବର୍ତ୍ତୀ ଇଲାକା ମଧ୍ୟରେ ଆକାଶି ଓ ବର ଗଛ ପ୍ରକୃତି ବନ୍ଧୁ ଉଦୟ ନାଥ ଜେନାଙ୍କ ଦୁଇଟି ପର୍ଯ୍ୟଟନ ସ୍ଥଳୀରେ ନିଜସ୍ୱ ଅର୍ଥରେ ଏକ ହଜାରରୁ ଅଧିକ ଗଛ ଲଗାଇ ତାର ରକ୍ଷଣା ବେକ୍ଷଣ କରିଆସୁଛନ୍ତି । ଗଛ କହୁଛି କଥା ବନାନୀ ସାଜିଛି ବରାହ ମନ୍ଦିର ଓ ମା' ମଙ୍ଗଳା ମନ୍ଦିର ପାର୍ଶ୍ୱବତୀ ପତିତ ଭୂଖଣ୍ଡ ପଥରଚାରି ଓ ଶ୍ରଦ୍ଧାଳୁ ଭକ୍ତଙ୍କ ମୁହଁରେ ଛାଇର ହସ ଯାହାକି ହେ ଉଦୟ ନାଥ ତୁମେ ବାସ୍ତବରେ ପ୍ରକୃତି ବନ୍ଧୁ, ତୁମ ଶ୍ରମ ଓ ଉଦ୍ୟମ ସଫଳ ଦ୍ୱାରା ଗଛ କହୁଛି କଥା ସେହି ଉଦୟ ମାନ, ଉଦୟ ନାଥ ପେଷାରେ ଶିକ୍ଷକ ଓ ପଲେଇ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ, ବୃକ୍ଷରୋପଣ, ପଶୁପକ୍ଷୀଙ୍କ ସୁରକ୍ଷା, ପାଠଚକ୍ର, ଜନସଂଖ୍ୟା ନିୟନ୍ତ୍ରଣ ଓ ସଚେତନତା ଆଲୋଚନା ଚକ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ କାର୍ଯ୍ୟକ୍ରମ କରି ବିଭିନ୍ନ ସମୟରେ ଉଚ୍ଚ ପ୍ରଶଂସିତ ହୋଇଆସୁଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଫେବୃୟାରୀ ୨୦୨୫ ଗୁରୁବାର





## ହାଇକୋର୍ଟରେ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲା:ବ୍ୟକ୍ତିଗତ ଉପସ୍ଥିତ ହେବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଅବଦାନ ନିମନ୍ତେ ୨୦୨୩ ବର୍ଷ ଲାଗି ସାହିତ୍ୟିକ ଢେଙ୍କାନାଳର ଡ. ଅନ୍ତର୍ଯ୍ୟାମୀ ମିଶ୍ର ପଦ୍ମଶ୍ରୀ ପାଇଥିବାବେଳେ ଏହାକୁ ନେଇ ବିବାଦ ଦେଖାଦେଇଛି । ପୁରସ୍କାର ପ୍ରଦାନକୁ ବିରୋଧ କରି ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣାର ଅନ୍ୟ ଜଣେ ଅନ୍ତର୍ଯ୍ୟାମୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ଉଭୟଙ୍କୁ ସୋମବାର ଅପରାହ୍ନ ୨ଟାରେ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଅଦାଲତରେ ଉପସ୍ଥିତ ହୋଇ ବିଭିନ୍ନ ରେକର୍ଡପତ୍ର ଦାଖଲ କରିଥିଲେ। ପଦ୍ମଶ୍ରୀ ପାଇଥିବା ଅନ୍ତର୍ଯ୍ୟାମୀ ମିଶ୍ର ବ୍ୟକ୍ତିଗତ ଭାବେ ଉପସ୍ଥିତ ନହୋଇ ତାଙ୍କ ଓକିଲଙ୍କ ଜାରିଆରେ ପକ୍ଷ ରଖିବା ଲାଗି କହିଥିଲେ। ଅଦାଲତ ଏହାକୁ ଗ୍ରହଣ ନକରି ପରବର୍ତ୍ତୀ ଶୁଣାଣିରେ ବ୍ୟକ୍ତିଗତ ଭାବେ ଅଦାଲତରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଏସ୍.କେ. ପାଣିଗ୍ରାହୀ ମାର୍ଚ୍ଚ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ, ସେ ବୃତ୍ତିରେ ଜଣେ ଡାକ୍ତର ଏବଂ ସାହିତ୍ୟିକ। ଓଡ଼ିଆ ଏବଂ ଅନ୍ୟଭାଷାରେ ସେ ୨୯ଟି ପୁସ୍ତକ ଲେଖିଛନ୍ତି। ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ଲାଗି ତାଙ୍କ ନାମକୁ ସାମିଲ୍ କରାଯାଇଥିଲା। ୨୦୨୩ ବର୍ଷ ପାଇଁ ତାଙ୍କ ନାମ ପଦ୍ମଶ୍ରୀ ଲାଗି ଘୋଷଣା ମଧ କରାଯାଇଥିଲା। ତାଙ୍କ ନାମରେ ଅନ୍ୟ ଜଣେ ବ୍ୟକ୍ତି ପଦ୍ମଶ୍ରୀ ପୁରସ୍କାର ହାତେଇଥିବା ଅଭିଯୋଗ ଆଣି ସେ ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି।




## ହାଇକୋର୍ଟରୁ ନିରାଶ ହେଲେ ହଂସିକା:ଖାରଜ ହୋଇଗଲା ଅନ୍ତରୀଣ ଜାମିନ୍ ଆବେଦନ

**କଟକ, ନ୍ୟୁଜ୍ ବ୍ୟୁରୋ**

ହାଇପ୍ରୋଫାଇଲ୍ ଠକ ଦମ୍ପତି ହଂସିକା- ଅନିଲ ଗିରଫ ମାମଲା। ହାଇକୋର୍ଟରୁ ନିରାଶ ହେଲେ ହଂସିକା। ସ୍ୱାମୀଙ୍କ ଅସୁସ୍ଥତା ଦର୍ଶାଇ ହଂସିକା, ଅନ୍ତରୀଣ ଜାମିନ୍ ପାଇଁ ଆବେଦନ କରିଥିବାବେଳେ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି। ଆଉ ଜାମିନ୍ ଖାରଜ ପରେ ଏବେ ହଂସିକାକୁ ନିରାଶ ହେବାକୁ ପଡ଼ିଛି । ଅର୍ଥାତ ଏବେ ହଂସିକାଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ। ବର୍ତ୍ତମାନ ହଂସିକା ଝାରପଡ଼ା ଜେଲ୍‌ରେ ଅଛନ୍ତି। ସୂଚନାଥାଉକି, ରାଜଧାନୀରୁ ହାଇପ୍ରୋଫାଇଲ୍ ଦଂପତି ଅନୀଲ ଓ ହଂସିକାଙ୍କୁ ଗତ ମାସରେ ଗିରଫ କରିଥିଲା ପୋଲିସ। ଗିରଫ ପରେ ତଦନ୍ତରୁ ସେମାନଙ୍କର କଳା ସାମ୍ରାଜ୍ୟ ବିଷୟରେ ଜଣାପଡ଼ିଥିଲା। ଆଉ ସାମ୍ନାକୁ ଆସିଥିଲା କିଭଳି ଏମାନେ ବଡ଼ ବଡ଼ିଆଙ୍କୁ ଟାର୍ଗେଟ୍ କରୁଥିଲେ। ଆଉ ଡିଲ୍ କରାଇଦେବାକୁ କହି କୋଟି କୋଟି ଟଙ୍କା ଠକୁଥିଲେ ଏବଂ ସେହି ଟଙ୍କାରେ ତିଆରି କରିଥିଲେ କୋଟି କୋଟି ଟଙ୍କାର ବେନାମୀ ସାମ୍ରାଜ୍ୟ । ଏମିତିକି ନିଜକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ମୁଖ୍ୟ ପରାମର୍ଶଦାତା ପି.କେ ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ବୋଲି ପରିଚୟ ଦେଉଥିଲେ । ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ହଂସିକା ଓ ତାଙ୍କ ସହଯୋଗୀ ଅନିଲ୍ ମହାନ୍ତିଙ୍କୁ ଗିରଫ କରିଥିଲା ପୋଲିସ। ଖାଲି ରାଜ୍ୟ ହିଁ ନୁହେଁ ଏମାନେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ମଧ ସେମାନଙ୍କର ଠକ ସାମ୍ରାଜ୍ୟ ବିସ୍ତାର କରିଥିଲେ। ଆଉ ଠୁଳ କରିଥିଲେ ଗାଡ଼ିଘୋଡ଼ା ସହ କୋଠାବାଡ଼ି । ଯାହାକୁ କମିସନରେଟ୍ ପୋଲିସ ତଦନ୍ତ ବେଳେ ଜବତ କରିଛି । ସେପଟେ ଘଟଣାରେ ଆର୍ଥିକ ଦିଗକୁ ଧରି ଆୟକର ବିଭାଗ ମଧ ଖୋଳତାଡ଼ କରିବା ସହ କିଛି ରାଜନେତା ଏବଂ ବିଲ୍‌ଡରଙ୍କୁ ନୋଟିସ୍ ପଠାଇଛି । କାରଣ ଆୟକର ବିଭାଗ ଚଢ଼ଉ ସମୟରେ ୫୮ କୋଟି ଟଙ୍କାର ବେନାମୀ ସମ୍ପତ୍ତି, ଯେଉଁଥିରେ ୧୭ କୋଟି ଟଙ୍କାର ବେନାମୀ ସମ୍ପତ୍ତି ବିଲ୍‌ଡରଙ୍କ ପାଖରେ ରହିଥିବା ଜଣାପଡ଼ିଥିଲା। ମାମଲାରେ ପିଏମ୍‌ଏଲ୍‌ଏ ଆକ୍ଟ ଜରିଆରେ କଳାଧନର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ ତଦନ୍ତ କରିଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଡିଜିଟାଲ ଆରେଷ୍ଟର ଶିକାର:୧୪ ଲକ୍ଷ ଠକିନେଲେ ଠକ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି (ଭିସି) ପ୍ରଫେସର ଗୀତାଞ୍ଜଳି ଦାଶ ସମ୍ପ୍ରତି ଡିଜିଟାଲ୍ ଆରେଷ୍ଟ ଠକେଇର ଶିକାର ହୋଇ ସାଇବର ଠକଙ୍କ ଦ୍ୱାରା ୧୪ ଲକ୍ଷ ଟଙ୍କାରୁ ଅଧିକ ହରାଇଛନ୍ତି। ରିପୋର୍ଟ ଅନୁସାରେ, ଜଣେ ଅଜଣା ସାଇବର ଠକ ଗତ ଚାରି ଦିନ ଧରି ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଯୋଗାଯୋଗ କରୁଥିଲେ। କଥାବାର୍ତ୍ତା ସମୟରେ, ସାଇବର ଠକ ତାଙ୍କୁ ଜଣାଇଲେ ଯେ, ତାଙ୍କର ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଏକ ମାମଲା ସହିତ କିଛି ସମ୍ପର୍କ ଅଛି। ତାଙ୍କୁ ପ୍ରକୃତ ଇଡି ଅଧିକାରୀ ଭାବି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ସହିତ କିଛି ସୂଚନା ସେୟାର କରିଥିଲେ। ଅଭିଯୁକ୍ତ ସେହି ସୂଚନା ବ୍ୟବହାର କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଟଙ୍କା ଦାବି କରିଥିଲେ। ଅନ୍ୟ କୌଣସି ବିକଳ୍ପ ନପାଇ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସାଇବର ଠକଙ୍କ ଆକାଉଣ୍ଟରେ ୧୪ ଲକ୍ଷ ଟଙ୍କାର ଏକ ଚେକ୍ ଦାଖଲ କରିଥିଲେ। କିନ୍ତୁ, ପରେ ସେ ଜାଣିପାରିଲେ ଯେ, ସେ ସାଇବର ଠକଙ୍କ ଡିଜିଟାଲ ଆରେଷ୍ଟ ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ଦାଏର୍ କରିଥିଲେ। ଡିଜିଟାଲ୍ ଗିରଫ ମାମଲାର ତଦନ୍ତ ଆରମ୍ଭ ହୋଇଛି ବୋଲି ବ୍ରହ୍ମପୁର ଏସ୍‌ପି ସରଭାନା ବିବେକ ଏମ୍ ସୂଚନା ଦେଇଛନ୍ତି।

## ୪ ଘରେ କଳାକନା ବୁଲାଇଲେ ଚୋର:ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଟାଙ୍ଗୀ ଥାନା ଓ ଚୌଦ୍ୱାର ଥାନା ଅଞ୍ଚଳରେ ଗୋଟିଏ ରାତିରେ ଚୋରମାନେ ପୃଥକ୍ ଭାବେ ୪ ଜଣଙ୍କ ଘରେ ପଶି ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଚୋରମାନେ ସୋମବାର ବିଳମ୍ବିତ ରାତିରେ ଟାଙ୍ଗୀ ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତର ନାଣ୍ଡୁଆ ଗ୍ରାମର ସବିତା ପ୍ରଧାନ ଓ ନରହରି ରାଉତଙ୍କ ଘରେ ପଶି ପରିବାର ଲୋକେ ଶୋଇଥିବା ଘର ବାହାରୁ ତାଲା ପକାଇ ଦେଇ ଅନ୍ୟଘର ଭିତରେ ଥିବା ଆଲମିରା, ଆଟାଚ୍ ଓ ଟ୍ରଙ୍କ ଭାଙ୍ଗି ତାଭିତରେ ଥିବା ନଗଦ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ । ଏପରିକି ଚୋରମାନେ ଚୋରି କରିବା ପରେ ମଦପିଇ ମଦ ବୋତଲ ପକାଇ ଯାଇଥିବା ଦେଖିବାକୁ ମିଳିଛି । ଅନୁରୂପ ଭାବେ ଚୌଦ୍ୱାର ଥାନା ଅନ୍ତର୍ଗତ ପଳାସିଆ ଗ୍ରାମର କାହ୍ନୁ ଚରଣ ସାହୁ ଓ ପଧାନିଆ ଗ୍ରାମର ସନାତନ ବିଶ୍ୱାଳଙ୍କ ଘରେ ପଶି ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଉଭୟ ଥାନା ତରଫରୁ ତଦନ୍ତ ଆରମ୍ଭ କରାଯାଇଛି ।

## ଇଂରାଜୀରେ କପି କରି ଧରାପଡ଼ିଲେ ୮ ପରୀକ୍ଷାର୍ଥୀ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାର ସୋମବାର ଥିଲା ଦ୍ୱିତୀୟ ଦିନ। ଛାତ୍ରଛାତ୍ରୀ ଇଂରାଜୀ ବିଷୟରେ ପରୀକ୍ଷା ଦେଇଥିଲେ। ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି । ତେବେ ୮ଜଣ କପି କରି ଧରାପଡ଼ିଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ଏହି ଛାତ୍ରଛାତ୍ରୀ ନିଜ ପରୀକ୍ଷା କେନ୍ଦ୍ରରେ କପି କରୁଥିବାବେଳେ ବୋର୍ଡ ପକ୍ଷରୁ ହୋଇଥିବା କମାଣ୍ଡ କଣ୍ଟ୍ରୋଲ ରୁମ୍‌ରେ ଏଆଇ କ୍ୟାମେରା ଦ୍ୱାରା ଧରାପଡ଼ିଥିଲେ। ଆସନ୍ତା ୨୭ ତାରିଖରେ ଗଣିତ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ସବୁ ବିଷୟରେ ଅର୍ଥାତ୍ ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧.୩୦ ମିନିଟ୍‌ରେ ପରୀକ୍ଷା ଶେଷ ହେଉଥିବାବେଳେ ଗଣିତ ପରୀକ୍ଷା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ୧୧.୪୫ ମିନିଟ୍‌ରେ ଶେଷ ହେବ। ଅନ୍ୟପକ୍ଷରେ କେତେ ପରୀକ୍ଷାର୍ଥୀ ଇଂରାଜୀ ବିଷୟରେ ପରୀକ୍ଷା ଦେବାକୁ ଆସିନଥିଲେ ବା ଅନୁପସ୍ଥିତ ଥିଲେ ତାହାର ସୂଚନା ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ । ବିଭିନ୍ନ ଜିଲ୍ଲାରୁ ମିଳିଥିବା ସୂଚନା ମୁତାବକ, ପ୍ରାୟ ୧୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।



## ରମ୍ଭା ରେଳ ଫାଟକ ଉପରେ ସୁଉଚ୍ଚ ରେଳପୋଲ ନିର୍ମାଣର ଶୁଭାରମ୍ଭ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପୁରାତନ ଜାତୀୟ ରାଜପଥ ନଂ ୫ ରମ୍ଭା ସହର ଠାରୁ ଜାତୀୟ ରାଜପଥ ନଂ ୧୬ ମଧ୍ୟସ୍ଥ ରେଳ ଫାଟକ ନଂ ୨୭୪ ଉପରେ ସୁଉଚ୍ଚ ରେଳବାଇ ପୋଲ ନିର୍ମାଣ ସକାଶେ ଭିତ୍ତିପ୍ରସ୍ତର କାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ, ଖଲ୍ଲିକୋଟଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ରେଳପୋଲ ଭୂମିପୂଜନ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ରାସ୍ତା ଓ କୋଠାବାଡ଼ି ବିଭାଜନ ନଂ ୨, ବ୍ରହ୍ମପୁରର ଅଧିକ୍ଷଣ ଯନ୍ତ୍ରୀ ସନ୍ଦିପ୍ତ ପାଣିଗ୍ରାହୀ, ରମ୍ଭା ରାସ୍ତା ଓ କୋଠାବାଡ଼ି ଶାଖାର ଅନୂଜ ଯନ୍ତ୍ରୀ ସତ୍ୟନାରାୟଣ ବିଷୋୟୀ, କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ର, ଠିକାଦାରଙ୍କ ପ୍ରତିନିଧି ସନ୍ତୋଷ କୁମାର ପରିଡ଼ା, ସାବୁଳିଆ ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ପଳାଇ, ମଣ୍ଡଳ ସଭାପତି ପଙ୍କଜ ମାଝୀ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ସେଠୀ ଏହି ରେଳବାଇ ସୁଉଚ୍ଚ ପୋଲ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ଆଶା କରିବା ସହିତ ଜନସାଧାରଣ ଦୀର୍ଘଦିନ ଧରି ରେଳ ଯାତାୟାତ ସମୟରେ ବାରମ୍ବାର ଅସୁବିଧାର ସମ୍ମୁଖୀନରୁ ରକ୍ଷାପାଇବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଠିକା ସଂସ୍ଥାର ହିମାଂଶୁ ଶେଖର ମହାନ୍ତି, ସତ୍ୟଜିତ ମହାନ୍ତି, ସୁରେଶ କୁମାର ମହାନ୍ତି, ସୁରେଶ ଦେହୁରୀ ଆଦି କର୍ମଚାରୀ ପରିଚାଳନା କରିଥିଲେ ।

### ଆଦିବାସୀ ହଷ୍ଟେଲ୍‌ରେ ଅବ୍ୟବସ୍ଥା

## ରାତି ଅଧରେ ୨୨ କି.ମି. ଚାଲି ଚାଲି ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ବର୍ଗର ପିଲାଙ୍କ ଠାରେ ଶିକ୍ଷାର ହାର କମ୍ ଥିବାରୁ, ଶିକ୍ଷା ଅଧିକାର ଆଇନ୍ ତଥା ଆଦିବାସୀ ଶିକ୍ଷାର ବିକାଶ ପାଇଁ ଜନଜାତି ପିଲାଙ୍କୁ ସରକାର ଛାତ୍ରାବାସରେ ରଖି ମାଗଣାରେ ଶିକ୍ଷା ଦାନର ବ୍ୟବସ୍ଥା କରିଛନ୍ତି । ତେବେ ବିଭିନ୍ନ ସମୟରେ ଜିଲ୍ଲାରେ ଥିବା ଏସ୍.ଏସ୍.ଡି ଛାତ୍ରାବାସ ଗୁଡିକରେ ବିଭିନ୍ନ ଅନିୟମିତତା ହେଉଥିବାର ନଜରକୁ ଆସୁଥିବା ବେଳେ, ସ୍ଥାନୀୟ ଜନତା ଏବଂ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ କରିଆସୁଛନ୍ତି । ତେବେ ମଙ୍ଗଳବାର ସକାଳୁ ସକାଳୁ ବାରିପଦା ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ହଷ୍ଟେଲ୍‌ରେ ହେଉଥିବା ଅନିୟମିତତା ବାବଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ୧୧୬ ହଷ୍ଟେଲ ଛାତ୍ର ରାତି ଅଧରେ ହଷ୍ଟେଲ ଛାଡି ପାଦରେ ୨୨ କିମି ରାସ୍ତା ଚାଲିଚାଲି ସକାଳେ ବାରିପଦାରେ



ପହଞ୍ଚିଥିଲେ । ଘଟଣା ମୁତାବକ, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ବାସିପିଠା ସ୍ଥିତ ସରକାରୀ ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟର ଶତାଧିକ ଅନ୍ତେବାସୀ ଛାତ୍ର ସୋମବାର ରାତି ୧୨ଟାରେ ହଷ୍ଟେଲ୍‌ରୁ ବାହାରି ପାଚେରୀ ଡେଇଁ, ଅନ୍ଧାର ରାତିରେ ଦୀର୍ଘ ୨୨ କିମି ବାଟ ଚାଲିଚାଲି ବାରିପଦା ଠାରେ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଅଭିଯୋଗ ଜଣାଇବାକୁ ଆସିଥିଲେ । ଏହି ଘଟଣା ଗଣମାଧ୍ୟମ ସାମ୍ନାକୁ ଆସିବା ପରେ ଘଟଣା ବାବଦରେ ଖବରପାଇ ଜିଲ୍ଲା ପ୍ରଶାସନ ଏବଂ ସ୍କୁଲ୍ କର୍ତ୍ତୃପକ୍ଷ ଆସି ପିଲା ମାନଙ୍କ ନିକଟରେ ବାରିପଦା ଛଉ ପଡିଆ ଠାରେ ପହଞ୍ଚି ବୁଝାସୁଝା କରିଥିଲେ । ହଷ୍ଟେଲ୍‌ରେ ସେମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଏବଂ ଶିକ୍ଷକ ମାନେ ବିଭିନ୍ନ ସମୟରେ ବିନା ଦୋଷରେ ଛାତ୍ରଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିବା ଭଳି ଅଭିଯୋଗ ବାବଦରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ସମାଧାନ ନହେବାରୁ କୋମଳମତି ପିଲାମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପାଇଁ ଅର୍ଦ୍ଧରାତିରେ ସାମୁହିକ ଭାବରେ ହଷ୍ଟେଲ୍‌ରେ ଲୁଚି ପଳାଇ ଆସିଥିଲେ । ତେବେ ଏତେ ସଂଖ୍ୟାରେ ପିଲା ହଷ୍ଟେଲରୁ ବାହାରି ପାଚେରୀ ଡେଇଁ ଦୀର୍ଘ ୨୫ କିମି ବାଟ ପାଦରେ ଚାଲିଚାଲି ଆସିଥିଲେ ମଧ, ସ୍କୁଲ କର୍ତ୍ତୃପକ୍ଷ ବା ଜିଲ୍ଲା ପ୍ରଶାସନ ଜିଲ୍ଲାର ଗୁଇନ୍ଦା ସଂସ୍ଥା କିଭଳି ଜାଣିପାରିଲେ ନାହିଁ ଏବଂ ପିଲାମାନେ ହଷ୍ଟେଲ୍‌ରେ କିଭଳି ରାତିରେ ସୁରକ୍ଷିତ ରହୁଛନ୍ତି, ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚି ସୃଷ୍ଟି କରିଛି । ତେବେ ପିଲାମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇବାକୁ ଜିଦ୍ ଧରିଥିବା ବେଳେ ଜିଲ୍ଲାପାଳ ଜିଲ୍ଲା ବାହାରେ ଥିବାରୁ ସେ ପିଲାମାନଙ୍କ ସହିତ ଭିଡିଓ କଲ୍‌ରେ କଥା ହୋଇ ଦାବି ଶୁଣିବା ସହ ପିଲାଙ୍କୁ ଦାବିପୁରଣର ପ୍ରତିଶୃତି ଦେଇଥିଲେ । ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପ୍ତିକାନ୍ତ ଜେନା ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଛାତ୍ରମାନଙ୍କୁ ବୁଝା ସୁଝା କରି ତୁରନ୍ତ ଘଟଣାର ତଦନ୍ତ କରି ପିଲାଙ୍କର ଦାବି ଅବିଳମ୍ବେ ପୂରଣ କରାଯିବ ବୋଲି ପ୍ରତିଶୃତି ଦେବାପରେ ପିଲାମାନେ ହଷ୍ଟେଲ୍‌କୁ ଫେରିବା ପାଇଁ ରାଜି ହେଇଥିଲେ । ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଘରୋଇ ବସ୍ ଦ୍ୱାରା ପିଲାମାନଙ୍କୁ ପୁଣି ହୋଷ୍ଟେଲ୍‌କୁ ଫେରାଇ ନିଆଯାଇଥିଲା। ତେବେ ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଲାଗି ରହିଥିବା ବେଳେ ପିଲାମାନେ ଅନ୍ଧାର ରାତିରେ ଆସିଲା ବେଳେ କୌଣସି ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତା ବୋଲି ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି ।

## ଏଫ୍‌ଏମ୍‌ୟୁରେ ଦୂର ଓ ଅନ୍‌ଲାଇନ୍ ଶିକ୍ଷା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପିତ

**ବାଲେଶ୍ୱର, ନ୍ୟୁଜ୍**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଦୂର ଶିକ୍ଷା ବ୍ୟୁରୋର ଅନୁମୋଦନ ଦ୍ୱାରା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଛି ଦୂର ଏବଂ ଅନ୍‌ଲାଇନ୍ ଶିକ୍ଷା ପାଇଁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କେନ୍ଦ୍ର। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷାକେନ୍ଦ୍ର ଆରମ୍ଭ ହେବାକୁ ଯାଉଛି। ସୂଚନାକ୍ରମେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ଅଧକ୍ଷତାରେ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏଥି ସମ୍ବନ୍ଧିତ ଇଣ୍ଟରଫେସ୍ ମିଟିଂ ଅନୁଷ୍ଠିତ କରାଯାଇ ଫେବୃୟାରୀ ୨୦୨୫ ଠାରୁ ଆରମ୍ଭ




ହେବାକୁଥିବା ବିଷୟଗୁଡ଼ିକର ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତି, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ତାଲିମ୍ ପ୍ରକ୍ରିୟାର ଅନୁଧ୍ୟାନ ଇତ୍ୟାଦି ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଅନୁମୋଦିତ ୧୦ଟି ପି.ଜି (ସ୍ନାତକୋତ୍ତର) ପାଠ୍ୟକ୍ରମ ଯଥା- ଓଡ଼ିଆ, ଇଂରାଜୀ, ସଂସ୍କୃତ, ଅର୍ଥନୀତି, ଇତିହାସ, ସମାଜବିଜ୍ଞାନ, ରାଜନୀତି ବିଜ୍ଞାନ, ଶିକ୍ଷା, ବାଣିଜ୍ୟ ଓ ସମାଜ ସେବା ଆଦି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ପ୍ରକାର ଶିକ୍ଷାଗ୍ରହଣ ପଦ୍ଧତି, ଶିକ୍ଷାଲାଭ କରିବାକୁ ଆଗ୍ରହ ରଖିଥିବା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ସହାୟକ ହେବା ନେଇ ଆଶାବ୍ୟକ୍ତ କରାଯାଇଛି। କର୍ମକ୍ଷେତ୍ରରେ ବ୍ୟସ୍ତ ରହି ଓ ଦୂରତା ହେତୁ ବିଶ୍ୱବିଦ୍ୟାଳୟକୁ ଆସି ଶ୍ରେଣୀଗୃହ ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ବିଭିନ୍ନ ଜନସାଧାରଣ, ଅର୍ଥନୈତିକ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷାରୁ ପାଠପଢାରୁ ବଞ୍ଚିତ ହୋଇଥିବା ସ୍ନାତକ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଦୂର ତଥା ଆଭାସୀ ମାଧ୍ୟମରେ ଶିକ୍ଷାଗ୍ରହଣ ଏକ ସରଳ ଓ ସହଜ ପନ୍ଥା ଭାବେ ପରିଗଣିତ ହୋଇପାରିବ ନେଇ ଆଶାପୋଷଣ କରାଯାଇଛି । ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ତଥା ଓଡ଼ିଶାର ବିଭିନ୍ନ ଅଗ୍ରଣୀ ଖବରକାଗଜରେ ଆରମ୍ଭ ହେବାକୁ ଥିବା ପାଠ୍ୟକ୍ରମ, ବିଷୟ ତଥା ସମ୍ବନ୍ଧିତ ସବିଶେଷ ତଥ୍ୟ, ପଞ୍ଜୀକରଣ ପ୍ରକ୍ରିୟା ଇତ୍ୟାଦି ସମସ୍ତ ସୂଚନା ଅତିଶୀଘ୍ର ଉପଲବ୍ଧ ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚୀତ କରାଯାଇଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଫକୀରମୋହନ ବିଶ୍ୱବିଦ୍ୟାଳୟର ରେମୁଣାର ସ୍ଥିତ କ୍ୟାମ୍ପସ୍‌ରେ କାର୍ଯ୍ୟକ୍ଷମ ହେବ ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ମୁନେଶ ଚନ୍ଦ୍ର ଅଧିକାରୀ ଓ ଡେପୁଟି ରେଜିଷ୍ଟ୍ରାର ଡ଼କ୍ଟର ଦେବଦତ୍ତ ଦାସ ସୂଚୀତ କରିଛନ୍ତି।



## ବିପୁଳ ଚୋରା ମଦ ଜବତ:୫ ମହିଳା ସମେତ ୧୩ କୋର୍ଟ ଚଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ନିକିରେଇ, ଜମ୍ବୁ ମେରାଇନ, ମହାକାଳପଡ଼ା, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ରୁରାଲ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ୬୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଏବଂ ଏକ ଗୋଟି ମୋଟର ସାଇକେଲ ସହିତ ୧୩ ଜଣଙ୍କୁ କୋର୍ଟ ଚଲାଣ କରାଯାଇଛି । ଏମାନେ ହେଲେ ନୂଆଗାଁ ଗ୍ରାମର ସୁନିତା ମଳିକ, ସାରସ୍ୱତୀ ଲାର, ଭାରତି ରାଉତ, ଶସ୍ମିତା ଲାର, ଜ୍ଞାନରଞ୍ଜନ ଦାସ, ସତ୍ୟ ଜେନା, ଶ୍ୟାମସୁନ୍ଦର ରାଉତ, ସଞ୍ଜୟ ପରିଡା, ଆଶା ରାଉତ, ଖଗେଶ୍ୱର ସାହୁ, ବର୍ଷ, ପ୍ରଭାତ ମଳିକ, ଅନାମ ପତ୍ର ଏବଂ ଗଣେଶ୍ୱର ମଳିକ, ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୬୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ, ଧର୍ମପଦ ଦାସ, ନରେଶ ପଣ୍ଡା, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୭।୨।୨୦୨୫, ଫାଲ୍ଗୁନ ଦି୧୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୦୮।୪୭** **ଚନ୍ଦ୍ରୋଦୟ- ନାସ୍ତି**

**ଚତୁର୍ଦ୍ଦଶୀ-** ଦିଘ ୮।୫୫ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୩।୪୩ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୮।୫୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୪୪ ମଧ୍ୟେ, ଦିଘ ୧୦।୫୦ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ବୈଷ୍ଣବ ସମ୍ମତ ଶିବରାତ୍ରି, ଅମାବାସ୍ୟାର ନିଶାପାଳନ, ନଷ୍ଟ ଚନ୍ଦ୍ର ଉପବାସ ।



**ମେଷ:** ସତ୍ କର୍ମରେ ଲିପ୍ତ ରହିବେ । ଶୁଭ ଖବର ମିଳିବ । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ । ପାରିବାରିକ ସୁଖରେ କଟାଇବେ । ଯାତ୍ରାରେ ସଫଳତା ମିଳିବ । ଅର୍ଥ ପ୍ରାପ୍ତି । ଦେହ ଭଲ ରହିବ ।



**ବୃଷ:** ପରିବହନ ସମସ୍ୟା ଦୂର ହେବ । ନୂତନ ବନ୍ଧୁ ଦର୍ଶନ ହେବ । ମଉଜ ମଜଲିସ୍‌ରେ ସମୟ କଟିବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଆୟର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ମିଳିବ ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବିବାଦୀୟ କ୍ଷେତ୍ରରେ ପଡ଼ିବେ । ଆୟ ଅପେକ୍ଷା ବ୍ୟୟର ପରିମାଣ ବଢ଼ିବ । ଠକାମିର ଶୀକାର ହେବେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**କର୍କଟ:** ପ୍ରତ୍ୟେକ କାର୍ଯ୍ୟରେ ତରତର ହେବେ । ଶତ୍ରୁ ପରାସ୍ତ ହେବେ । ଦୂରଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟର ପରିମାଣ ବଢ଼ିବ । ଠକାମିର ଶିକାର ହୋଇପାରନ୍ତି । ମନ ଅସ୍ଥିର ରହିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଧର୍ମ କାର୍ଯ୍ୟରେ ଯୋଗଦେବେ । ଖର୍ଚ୍ଚର ପରିମାଣ ବଢ଼ିବ । ଉତ୍କୃଷ୍ଟ ଭୋଜନ ମିଳିବ । ସମସ୍ତ ଆଡ଼କୁ ନଜର ରଖି କାମ କରିବେ । ପରିବାରରେ ସାମାନ୍ୟ ଅଶାନ୍ତି ଦେଖାଦେବ ।



**କନ୍ୟା:** ବ୍ୟବସାୟରେ ଅଭିବୃଦ୍ଧି । ବନ୍ଧୁ ସାହାଯ୍ୟ ପାଇବେ । ସାମାନ୍ୟରେ ସିଦ୍ଧି ଲାଭ କରିବେ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ କଳହର ସୂଚନା ରହୁଛି ।



**ତୁଳା:** ଠକମାନଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟରେ ସ୍ଥିତି ମାନ୍ଦା ହେବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ଆୟର ପରିମାଣ ବଢ଼ିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଶାନ୍ତି ଲାଭ ।



**ବିଛା:** ମନରେ ଅନୁତାପ ଆସିବ । ଯେତେ କଷ୍ଟ କଲେ ସୁଧା କାମନା ପୂରଣ କଷ୍ଟସାଧ ହୋଇପଡ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ଆୟ ପୂର୍ବପରି ସ୍ଥିର ରହିବ ।



**ଧନୁ:** କର୍ମକ୍ଷେତ୍ରରେ ବ୍ୟବସ୍ଥା ଲାଗି ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ କ୍ଲେଶର ସୂଚନା । ପ୍ରତିଯୋଗିତାରେ ସଫଳତା ମିଳିବ । ବନ୍ଧୁ ପ୍ରୀତି ଲାଭ ହେବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସତର୍କ ନହେଲେ କ୍ଷତିରେ ପଡ଼ିବେ । ମନସ୍କାମନା ପୂରଣ ହେବ । ସମସ୍ତଙ୍କ ପ୍ରିୟପାତ୍ର ହେବେ । ରୋଜଗାର ମଧ୍ୟମ ହେବ । ଯଶସ୍ୱୀ ହେବେ । ବନ୍ଧୁଙ୍କ ଆଗମନର ମଧ ସୂଚନା ।



**କୁମ୍ଭ:** ନୂତନ ବନ୍ଧୁ ପ୍ରାପ୍ତ ହେବେ । ମହିଳା ମାନଙ୍କ ପାଇଁ ଦିନଟି ଭଲରେ କଟିବ । ଧନ ଲାଭର ସୁଯୋଗ ରହିଛି । ବ୍ୟବସାୟରେ ଲାଭ ହେବ । ବିବାଦୀୟ କ୍ଷେତ୍ରରେ ମୁଣ୍ଡ ନପୁରାଇବା ଭଲ ।



**ମୀନ:** ଅସହଯୋଗ ବୃଦ୍ଧି ପାଇବ । ପରିଶ୍ରମର ପରିମାଣ ବଢ଼ିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କର୍ମଚ୍ୟୁତିର ଆଶଙ୍କା । ପରିବାରରେ ସମସ୍ତେ ସ୍ୱାର୍ଥପର ହେବେ । ବହୁ ସମୟ ଅନ୍ୟମନସ୍କ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୨।୨୦୨୫, ଫାଲ୍ଗୁନ ଦି୧୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୦୮।୦୩** **ଚନ୍ଦ୍ରୋଦୟ- ପ୍ରାଘ ୬।୧୬।୦୬**

**ଅମାବାସ୍ୟା-** ପ୍ରାଘ ୬।୧୫ ପର୍ଯ୍ୟନ୍ତ । **ପ୍ରତିପଦ କ୍ଷୟ-** ରାଘ ୩।୧୬ । **ଶତଭିଷା ନକ୍ଷତ୍ର-** ଦିଘ ୧।୪୦ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ନିଘ ୫।୫୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ନିଘ ୫।୫୭ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ନିଘ ୫।୫୭ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୬।୧୫ ପରେ ପାଣି କଖାରୁ ରାଘ ୩।୧୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୬।୫୭ ମଧ୍ୟେ, ଦିଘ ୧୨।୨୨ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୭ଟି ଦେଶ ସହ ଭାରତୀୟ ମୁଦ୍ରା କାରବାର

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

# ଓଡ଼ିଶାର ପର୍ଯ୍ୟଟନ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଓଡ଼ିଶାରେ ପର୍ଯ୍ୟଟନର ବିକାଶ ନିମନ୍ତେ ବହୁ ଯୋଜନାମାନ କରାଯାଉଛି ବୋଲି ଗଣମାଧ୍ୟମରେ ପ୍ରଚାରିତ ହେଉଛି। ସ୍ୱର୍ଣ୍ଣ ତ୍ରିଭୁଜ, ହୀରକ ତ୍ରିଭୁଜ ନାମ ଦେଇ ବହୁ ଉନ୍ନତି କରାଯାଉଛି ବୋଲି ମନ୍ତ୍ରୀ ଓ ଅଫିସରମାନଙ୍କ ପ୍ରତିଶ୍ରୁତି ଓ ଭାଷଣମାନଙ୍କରେ ଗଗନ ପବନ ମୁଖରିତ ହୋଇ ଉଠୁଛି। ସମ୍ପୃକ୍ତ ଅଞ୍ଚଳମାନଙ୍କରେ ଅଫିସରମାନଙ୍କ ଗସ୍ତ ପରେ ଗସ୍ତ କାର୍ଯ୍ୟକ୍ରମକୁ ଦେଖି ଲୋକେ ବି ଆଶ୍ୱସ୍ତ ହେଉଛନ୍ତି। ଯାହାହେଉ ଓଡ଼ିଶାର ଅସ୍ତମିତ ରବି ପୁଣି ଉଦିତ ହେବେ ଓ ଜନମାନସକୁ ଏହା ହିଁ ଆଶ୍ୱାସନା ଆଣି ଦେଉଛି। ମାତ୍ର ଏପରି ପ୍ରଚାରର ଅର୍ଥ କ'ଣ? ଏଠାରେ ଏତିକି କୁହାଯାଇପାରେ ଯେ ଓଡ଼ିଶାରେ କେତେଜଣ ଅଫିସରଙ୍କର ପର୍ଯ୍ୟଟନ ବିକାଶ ପ୍ରତି ଆନ୍ତରିକତା ରହିଛି? ପ୍ରଚାର ସର୍ବସ୍ୱ ରାଜ୍ୟରେ ଜନମତକୁ ସମବେଦନଶୀଳ କରାଇବା ନିମନ୍ତେ ଏହା ହିଁ ସମ୍ଭବତଃ ରାଜନୈତିକ ନେତାମାନଙ୍କର କୌଶଳ। ପର୍ଯ୍ୟଟନ ବିକାଶ ପାଇଁ କୋଣାର୍କ, ଧଉଳି, ରାଜରାଣୀ, ବେଳାଭୂମି ଉତ୍ସବ ଆଦିର ଆୟୋଜନ ହୋଇଚାଲିଛି ଓ ଏହା ବି କ୍ରମଶଃ ବଢ଼ିବାରେ ଲାଗିଛି। ଭାଷଣ ଦେବା ପାଇଁ ମନ୍ତ୍ରୀ, ବିଧାୟକ ଓ ଅଫିସରମାନଙ୍କର ସେହିସବୁ ସ୍ଥାନମାନଙ୍କରେ ବେଶ୍ ଲମ୍ଫାଧାଡ଼ି ଲାଗୁଛି। ପର୍ଯ୍ୟଟନ କହିଲେ ସାଧାରଣତଃ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସେମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ହୋଇଥାଏ ଏହିସବୁ ଉତ୍ସବର ଆୟୋଜନ। କୋଣାର୍କ ଉତ୍ସବ କଥା ପ୍ରଥମେ ଆଲୋଚନାକୁ ନିଆଯାଇପାରେ। ନୃତ୍ୟଗୁରୁ ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ସେଠାରେ ପ୍ରଥମେ ଏପରି ଉତ୍ସବର ଆୟୋଜନ କରାଇଥିଲେ। ସେ ସ୍ଥାନୀୟ ଲୋକ ଭାବେ ରହିଆସିଥିଲେ ଓ ତାଙ୍କର ସେ ଅଞ୍ଚଳରେ ଭଲ ପ୍ରଭାବ ବି ରହିଥିଲା। ପରେ ସରକାରଙ୍କ ପକ୍ଷରୁ ସେଠାରେ ବି ଏକ ଉତ୍ସବର ଆୟୋଜନ ହେଲା। ଗୋଟିକ ପରେ ଗୋଟିଏ ଏହିପରି ଦୁଇଟି ଉତ୍ସବର ଆୟୋଜନ ସେଠାରେ ହୋଇଆସୁଛି। କେବଳ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ହିଁ ଏହାର ଉଦ୍ଦେଶ୍ୟ। ମାତ୍ର ସମୀକ୍ଷା କଲେ ଦେଖାଯାଏ ଯେ ଗତ କେତେବର୍ଷ ତଳେ ସେଠାର ଉତ୍ସବରେ ଉପସ୍ଥିତ ଥିବା ବିଦେଶୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ଥିଲା ହାତ ଗଣତି। ସେହି ସମୟରେ ଜଣେ ଦର୍ଶକ ଭାବେ ସେଠାକୁ ଯାଇଛି। ସେତେବେଳେ ମାତ୍ର ୨ରୁ ୪ଜଣ ପର୍ଯ୍ୟନ୍ତ ବିଦେଶୀ ପର୍ଯ୍ୟଟକଙ୍କ ବ୍ୟତୀତ ଅନ୍ୟମାନେ ଥିଲେ ଭୁବନେଶ୍ୱରରୁ ଯାଇଥିବା ସରକାରୀ ଅଫିସର ଓ ସେମାନଙ୍କ ପରିବାର। ସ୍ଥାନୀୟ ଅଳ୍ପ ବୟସର କେତେକ ଯୁବକ ବି ସେଥିରେ ସାମିଲ ଥିଲେ। ଦୁଇରୁ ତିନିଭାଗ ଚୌକି ପ୍ରାୟ ଥିଲା ଖାଲି। ସମ୍ଭବତଃ ଏହି ଉତ୍ସବ ଦେଖିବା ପାଇଁ ବିଶେଷ ଆଗ୍ରହ ନଥିବାରୁ ବା ପ୍ରବଳ ଶୀତ ହେତୁ ସ୍ଥାନୀୟ ଲୋକ ସମାଗମ କମ୍ ହେଉଥିଲା। ଏଥିରୁ ପ୍ରଶ୍ନ ଆସେ ଏହିସବୁ ଆୟୋଜନ ନିମନ୍ତେ ସରକାରୀ ତହବିଲ୍‌ରୁ କେତେ ଖର୍ଚ୍ଚ ହୁଏ? ଦର୍ଶକ ଭାବେ ଭୁବନେଶ୍ୱରରୁ ଯାଉଥିବା ନିମନ୍ତ୍ରିତ ଅତିଥିମାନଙ୍କର ସରକାରୀ ଗାଡ଼ିରେ କେତେ ତେଲ ଜଳେ ତାହା କ'ଣ ନିମନ୍ତ୍ରଣ କରୁଥିବା ବିଭାଗକୁ ଅଜଣା? ଅତୀତରେ କେତେଜଣ ଅଫିସରଙ୍କ ଖାମ୍‌ଖିଆଲି ମନୋବୃତ୍ତିରୁ ଏପରି ଉତ୍ସବର ସୃଷ୍ଟି ହୋଇଥିଲା। ସେହିମାନେ ଓ ତାଙ୍କୁ ଖୋସାମତ କରୁଥିବା ଅଧସ୍ତନ କର୍ମଚାରୀଙ୍କଦ୍ୱାରା ଏପରି ପରିଚାଳିତ ହୋଇଆସୁଥିଲା। ଜଣେ ଅଫିସରଙ୍କର ସ୍ଥାନାନ୍ତର ହେଲେ ତାଙ୍କ ସ୍ଥାନରେ ଆସନ୍ତି ଅନ୍ୟ ଜଣେ। ସେ ବି କିଛି ନ ବୁଝି ଗତାନୁଗତିକ ଭାବରେ ଏହା ହେଉଛି ଓ ହେବ ବୋଲି ଆୟୋଜନରେ ଆଗେଇ ଯାଆନ୍ତି। ଅବଶ୍ୟ ପଡ଼ୋଶୀ ରାଜ୍ୟ ଅଜନ୍ତାରେ ଏପରି ଉତ୍ସବ ହୁଏ। ଦଳ ଦଳ ବିଦେଶୀ ପର୍ଯ୍ୟଟକ ସେଠାରେ ଠୁଳ ହୁଅନ୍ତି। କହିବାକୁ ଗଲେ ତାହା ଏକ ବିଦେଶୀ ପର୍ଯ୍ୟଟକମାନଙ୍କ ମେଳା। ନାଚ, ଗୀତ ବେଶ୍ ଉପଭୋଗ କରନ୍ତି। ସେମାନଙ୍କ କ୍ୟାମେରାରେ ଫଟୋଚିତ୍ରଗୁଡ଼ିକ ଉଠାଇ ନିଅନ୍ତି। ତାଙ୍କ ଦେଶରେ ଥିବା ସେମାନଙ୍କ ସାଥିମାନଙ୍କୁ ସେ ସବୁକୁ ଦେଖାଇ ଆସିବାକୁ ଆକୃଷ୍ଟ କରାନ୍ତି। ଥରକରୁ ପାଞ୍ଚଥର ଏହା ଦେଖିବା ପାଇଁ ଆସନ୍ତି। ମାତ୍ର ଓଡ଼ିଶାରେ ତାହା ସମ୍ପୂର୍ଣ୍ଣ ବିପରୀତ। କାହିଁକି ଆସନ୍ତି ନାହିଁ ସେ ବିଷୟରେ କୌଣସି ସମୀକ୍ଷା ଥରୁଟିଏ ବି ହୋଇନାହିଁ। ମାତ୍ର ଉତ୍ସବ ଆୟାଜନ ନିମନ୍ତେ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଚାଲିଛି।

ସେହିଭଳି ବୌଦ୍ଧ କିର୍ତ୍ତୀ ବହୁଳ ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ନେଇ ସୃଷ୍ଟି ହୋଇଛି ହୀରକ ତ୍ରିଭୂଜ। ସେଠାରେ କୋଟି କୋଟି ଟଙ୍କା ରାସ୍ତା ଉନ୍ନୟନରେ ଖର୍ଚ୍ଚ ହେବାର ଯୋଜନା ଥିବାର ଗଣମାଧ୍ୟମରେ ଘୋଷଣା ତୁହାକୁ ତୁହା ହେଉଛି। ଅଫିସରମାନଙ୍କର ଗସ୍ତ ପରେ ଗସ୍ତ ଚାଲିଛି। ବିଦେଶର ବୌଦ୍ଧ ଭିକ୍ଷୁମାନଙ୍କ ସହ ବୌଦ୍ଧ ପର୍ଯ୍ୟଟକମାନଙ୍କୁ ଏହିସବୁ ସ୍ଥାନର ଇତିହାସର କଥାକୁ ଦେଖାଇବା ନିମନ୍ତେ ଏହା ଥିଲା ଏକ ସୁଚିନ୍ତିତ ପରିକଳ୍ପନା। ମାତ୍ର ବର୍ଷକ ମଧ୍ୟରେ ଏଠାକୁ କେତେଜଣ ବୌଦ୍ଧ ପର୍ଯ୍ୟଟକ ଆସୁଛନ୍ତି ତାହାର ହିସାବ ସରକାରଙ୍କ ପାଖରେ ଅଛି କି? ପଥରାଜପୁରରେ ଥିବା ପର୍ଯ୍ୟଟନ ବିଭାଗର ପାନ୍ଥଶାଳାକୁ କୋଲକତାର ନିର୍ବାଣ ପର୍ଯ୍ୟଟନ ସଂସ୍ଥା ଭଡ଼ାରେ ନେଇଛି। ଏଥିରେ ପର୍ଯ୍ୟଟକମାନେ ରହିବାର ବ୍ୟବସ୍ଥା ରହିଛି। ମାତ୍ର ପର୍ଯ୍ୟଟକମାନଙ୍କ ଅଭାବରୁ ପାନ୍ଥଶାଳା କ୍ଷତିରେ ଚାଲିଛି। ଉକ୍ତ ସଂସ୍ଥା ଲିଜ୍ ନେଇଥିବାରୁ ସହଜରେ ସେଠାରୁ ମୁକୁଳି ଆସିପାରୁନାହିଁ ଅବଶ୍ୟ ଏହା ଏବେ ପରିବର୍ଦ୍ଧିତ ହୋଇଛି। ସେହିପରି ବର୍ମା (ମିଆଁମାର) ଓ କାମ୍ବୋଡ଼ିଆର ବୌଦ୍ଧଭିକ୍ଷୁମାନଙ୍କଦ୍ୱାରା ଧଉଳିଠାରେ ଏକ ପାଗୋଡ଼ା ନିର୍ମାଣ ନିମନ୍ତେ ଆଗରୁ ୨କୋଟି ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମହୋଦୟଙ୍କଦ୍ୱାରା ସେଠାରେ ଭୂମି ପୂଜା କରାଯାଇଥିଲା। ସେହି ଦେଶର ପ୍ରଖ୍ୟାତ ବୌଦ୍ଧଭିକ୍ଷୁମାନେ ଏହି ପୂଜାରେ ଉପସ୍ଥିତ ଥିଲେ। ମାତ୍ର ସେଥିପାଇଁ ଉଦ୍ଦିଷ୍ଟ ଏ୨.୧୩୧ ଡେସିମିଲ୍ ଜମି ଏପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥାକୁ ଦିଆଯାଇପାରିଲା ନାହିଁ। ପର୍ଯ୍ୟଟନ ବିଭାଗର ଅନୁମୋଦନ ପରେ ଏହା ରାଜସ୍ୱ ବିଭାଗରେ ପଡ଼ିରହିଛି। ଭୁବନେଶ୍ୱର ତହସିଲ୍‌ଦାରଙ୍କ ଅଫିସରୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଫିସ ପର୍ଯ୍ୟନ୍ତ ଚିଠି ଲେଖାଚାଲିଛି। ବିଚାରା ଉଦ୍ୟୋକ୍ତାମାନେ ଦୌଡ଼ି ଦୌଡ଼ି ନୟାନ୍ତ। ଉପର ଅଫିସରଙ୍କୁ କହିଲେ ସେ ତଳକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି ତ ତଳ ବାଲା ଉପରକୁ। ସେତେବେଳର ମୁଖ୍ୟଶାସନ ସଚିବ କୁଆଡ଼େ ପ୍ରସ୍ତାବଟିକୁ ଆଡ଼େଇ ଦେଇଥିବାର ଶୁଣାଗଲା। ଏବେ ବର୍ମା ଓ କାମ୍ବୋଡ଼ିଆର ସେହି ବୌଦ୍ଧଭିକ୍ଷୁମାନେ କୁଶୀନଗର ବା ବୋଧଗୟାକୁ ତାହା ସ୍ଥାନାନ୍ତରିତ କରିଦେବା ପାଇଁ ସ୍ଥିର କରି ସାରିଲେଣି। ଦୁଇଟି ବିଦେଶୀ ବୌଦ୍ଧରାଷ୍ଟ୍ରର ମୁଖ୍ୟ ବୌଦ୍ଧଭିକ୍ଷୁମାନଙ୍କ ଗହଣରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶୁଭ ଦେଇ ସାରିବା ପରେ ଏହାର ବ୍ୟତିକ୍ରମ କାହିଁକି ହେଲା? ରାଜ୍ୟ ମୁଖ୍ୟମନ୍ତ୍ରୀ ମହୋଦୟ ଓଡ଼ିଶା ଜନସାଧାରଣଙ୍କର ପ୍ରତିନିଧି। ଏହାଦ୍ୱାରା ଓଡ଼ିଶାର ସମ୍ମାନ ପ୍ରତି ଆଞ୍ଚ ଆସିଲା ନାହିଁ କି? ଏପରି ଅନିୟମିତତା ପାଇଁ କିଏ ଦାୟୀ? ଓଡ଼ିଶାର ବର୍ତ୍ତମାନର ପର୍ଯ୍ୟଟନ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ ଏହାର ଅନୁସନ୍ଧାନ କରି ଅସାଧୁ କର୍ମଚାରୀଙ୍କ ପ୍ରତି ଦଣ୍ଡ ବିଧାନ କରିବାର ଆବଶ୍ୟକତା ରହିଛି। ବୌଦ୍ଧ ପାଗୋଡ଼ାଟିଏ ହୋଇଥିଲେ ସମ୍ପୃକ୍ତ ଦେଶର ପର୍ଯ୍ୟଟକମାନେ ଓଡ଼ିଶା ଆସିପାରିଥାନ୍ତେ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ଉନ୍ନତି ହୋଇପାରିଥାନ୍ତା। କେବଳ ରାସ୍ତା ଓ ହୋଟେଲ ନିର୍ମାଣ କରିଦେଲେ ଏପରି ଶିଳ୍ପର ଉନ୍ନତି ହୁଏନାହିଁ।

ମରିସସ୍, ସିଙ୍ଗାପୁର, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ନେପାଳ ପ୍ରଭୃତି କ୍ଷୁଦ୍ର ରାଷ୍ଟ୍ରମାନେ କେବଳ ପର୍ଯ୍ୟଟନ ଉପରେ ନିର୍ଭର କରିଚାଲିଥାନ୍ତି। ପର୍ଯ୍ୟଟନରୁ ମିଳୁଥିବା ୯୦ ପ୍ରତିଶତ ଅର୍ଥ ହିଁ ସେହି ଦେଶର ରାଜସ୍ୱ। ନେପାଳର ୬୭ ପ୍ରତିଶତ ଆୟ ପର୍ଯ୍ୟଟନରୁ ହିଁ ମିଳିଥାଏ। ବୁଦ୍ଧଦେବଙ୍କ ଜନ୍ମସ୍ଥାନ ନାମରେ ବିଦିତ ଲୁମ୍ବିନୀ ଓ ପଶୁପତିନାଥଙ୍କ ମନ୍ଦିର ହିଁ ପର୍ଯ୍ୟଟନ ଆକର୍ଷଣର କେନ୍ଦ୍ରବିନ୍ଦୁ। ତେବେ କେତେବର୍ଷ ତଳେ ଓଡ଼ିଶାର କପିଳେଶ୍ୱର ବୁଦ୍ଧଦେବଙ୍କ ଜନ୍ମସ୍ଥାନ ଭାବେ ହିମାଳୟ ଟାଇମ୍ସ୍ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ ଉପରେ ନେପାଳରେ ବ୍ୟାପକ ଲଙ୍କାକାଣ୍ଡ ଦେଖାଦେଲା। ତାହାର ଅର୍ଥ ହେଲା ଯେ ସେ ଦେଶର ରାଜସ୍ୱ ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡ଼ିଯାଉଛି।

ଅଂଶୁପା ହ୍ରଦ ଦିନେ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ଥିଲା। ଏବେ ଅଂଶୁପା ପୋତି ହୋଇ ଅଗଭୀର ହୋଇଯାଇଛି। ଏହାର ଉନ୍ନତି ନିମନ୍ତେ ବ୍ୟାପକ ଅର୍ଥ ବରାଦ ହୋଇଛି। କେବଳ କେତେଜଣ ଅଫିସରଙ୍କର ଖାମଖିଆଲି ମନୋବୃତ୍ତି ଓ ସ୍ଥାନୀୟ ରାଜନୈତିକ ଲୋକମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ତାହାର କାର୍ଯ୍ୟ ହୋଇପାରୁନାହିଁ। ସରକାରୀ ଅଫିସରଙ୍କ ବୈଠକ ପରେ ବୈଠକ ବସୁଛି। କାହିଁକି ଏହି କାମ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ ତାହାର ମଧ୍ୟ ସମୀକ୍ଷା ନାହିଁ।

ସେହିଭଳି ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ, ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକା ଓ କୋଣାର୍କ କଥା ମଧ୍ୟ ବିଚାରକୁ ନିଆଯାଇପାରେ। ଏହାସବୁ ପର୍ଯ୍ୟଟନ କେନ୍ଦ୍ର ଭାବେ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଦେଶ ବିଦେଶର ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଶ୍ରୀଗୀତଗୋବିନ୍ଦ ବର୍ଣ୍ଣିତ ଘଞ୍ଚ ବନାନୀ, ଲତାକୁଞ୍ଜମାନ ଦର୍ଶକର ମନକୁ ଏଠାରେ ଆକୃଷ୍ଟ କରୁଛି। କେନ୍ଦୁବିଲ୍ୱରେ ପାନ୍ଥଶାଳାଟିଏ ଅଛି ମାତ୍ର ଖବର ବୁଝିବାକୁ ସେଠାରେ କେହିନାହିଁ। ନିଆଳୀ-ମାଧବ ରାସ୍ତାର ଅଡ଼ସପୁରଠାରୁ ଦୁଇକିଲୋମିଟରର ସିଧା ରାସ୍ତାଟିଏ କରିଦେଲେ ଅନାୟାସରେ ପର୍ଯ୍ୟଟନ ବସ୍‌ଗୁଡ଼ିକ ସେଠାକୁ ଯାଇପାରନ୍ତା। ପ୍ରାଚୀନଦୀ ଉପରେ ପୋଲ କାମ ସରିଯାଇଛି। ମାତ୍ର ରାସ୍ତା ନିମନ୍ତେ ବରାଦ ଅର୍ଥ ଅନ୍ୟତ୍ର ଖର୍ଚ୍ଚ ହୋଇଯାଇଛି। ଏହା କାହିଁକି ଓ କାହାଦ୍ୱାରା ହେଲା ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କୁ ଦଣ୍ଡିତ କରାଗଲେ ତାହା ଅନ୍ୟମାନଙ୍କ ପ୍ରତି ଏକ ଉଦାହରଣ ହୋଇପାରନ୍ତା। ବର୍ତ୍ତମାନର ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ଏଥିପ୍ରତି ଧ୍ୟାନ ଦେଲେ ଘଟଣାର ସମାଧାନ ହୋଇପାରନ୍ତା। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସରକାର ପର୍ଯ୍ୟଟନର ବିକାଶ ନିମନ୍ତେ ଯେତେ ତତ୍ପରତା ଦେଖାଇଛନ୍ତି ତାହା ପୂର୍ବରୁ ନଥିଲା। ପର୍ଯ୍ୟଟନ କ୍ଷେତ୍ରରେ ବିଦେଶୀମାନଙ୍କ ଅଧିକ ସଂଖ୍ୟାରେ ଆସିବା ତଥା ବିଦେଶରେ ସେପରି ଉତ୍ସାହ ସୃଷ୍ଟି କରି ସେମାନଙ୍କୁ ଓଡ଼ିଶାକୁ ଆସିବା ନିମନ୍ତେ ବ୍ୟାପକ ଉଦ୍ୟମ କରାଯାଉଛି। ଏହା ହିଁ ପର୍ଯ୍ୟଟନର ବିକାଶ ନିମନ୍ତେ ଶୁଭ ସୂଚନା କହିଲେ ଅତ୍ୟୁକ୍ତି ହେବନାହିଁ।

ଓଡ଼ିଶା ପର୍ଯ୍ୟଟନର ଗନ୍ତାଘର। କେବଳ ପର୍ଯ୍ୟଟନ ବିକାଶ ଉପରେ ଗୁରୁତ୍ୱ ଦେଲେ ଓଡ଼ିଶାର ରାଜସ୍ୱ ଯଥେଷ୍ଟ ବଢ଼ିଯାଇପାରନ୍ତା। ମାତ୍ର ତାହା ନକରି ଆମେ ବ୍ରିଟିଶ୍ ଦରିଆ ପାରି ସଂସ୍ଥାର ସହାୟତା ପାଇଁ ସେମାନଙ୍କର ଦ୍ୱାରସ୍ଥ ହେଉଛେ। ଏହାହିଁ ବିଡ଼ମ୍ବନା।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ମା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତୁତେ ।'

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡ଼ିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉତା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ମା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ଶାରୀରିକ ଓ ମାନସିକ ଚାପରୁ ମୁକ୍ତି ଆବଶ୍ୟକ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ମେଡ଼ିକାଲ୍ ଜର୍ଣ୍ଣାଲ୍ 'ଲାନସେଟ୍'ରେ ପ୍ରକାଶିତ ଏକ ଗବେଷଣାମୂଳକ ନିବନ୍ଧରୁ ଜଣାପଡ଼ିଛି ଯେ ମଣିଷର ଚିନ୍ତା, ବ୍ୟଗ୍ରତା, ଉତ୍କଣ୍ଠା ବିକାର ବଢ଼ିଚାଲିଛି, ଯାହା ଭାରତରେ ବିକଳାଙ୍ଗତା, ଅକ୍ଷମତା, ଅସମର୍ଥତାର ଦଶଟି ମୁଖ୍ୟ କାରଣ ମଧ୍ୟରେ ଅନ୍ୟତମ। ଚିନ୍ତା, ବ୍ୟଗ୍ରତା ହେଉଛି ସର୍ବାଧିକ ପ୍ରଚଳିତ ମାନସିକ ବିକାର ମଧ୍ୟରେ ଗୋଟିଏ, ଯାହା ଦ୍ୱାରା ବିଶ୍ୱ ଜନ ସମୁଦାୟର ଶତକଡ଼ା ୭.୩ ଭାଗ ପ୍ରଭାବିତ। ଆମର ଶ୍ୱାସ ଓ ମନ ମଧ୍ୟରେ ନିବିଡ଼ ସଂଯୋଗ ରହିଛି। ଜଣେ ସାଧାରଣ, ପ୍ରକୃତିସ୍ଥ, ସୁସ୍ଥ ମଣିଷର ଶ୍ୱାସକ୍ରିୟା ପ୍ରତି ମିନିଟ୍‌ରେ ୧୦ ରୁ ୧୨ ଥର ସଂପାଦିତ ହୁଏ ଏବଂ ପ୍ରତ୍ୟେକ ଶ୍ୱାସଗ୍ରହଣର ଗଭୀରତା ଥାଏ ୫୦୦ ରୁ ୬୦୦ ଏମ୍.ଏଲ୍। ତା'ର ଶ୍ୱାସ ଥାଏ ଢିଲା, ନିୟମିତ, ଗଭୀର ଓ ଶାନ୍ତ। ଏପରି ଶ୍ୱାସ ସୁନିଶ୍ଚିତ କରେ ଯେ ଶରୀରର ବିଭିନ୍ନ ଅଂଗ ସର୍ବୋତ୍ତମ ପରିମାଣର ଅକ୍ସିଜେନ୍ ବା ଅମ୍ଳଜାନ ପାଉଛି। ସ୍ୱାଭାବିକ ଶ୍ୱାସ ମାନସିକ ଶାନ୍ତି, ସୁସ୍ଥତା, ସହିଷ୍ଣୁତା ଓ ଉନ୍ନତ ହୃଦ୍‌କ୍ରିୟା, ଶ୍ୱାସକ୍ରିୟା ସହିତ ସଂପୃକ୍ତ। କିନ୍ତୁ ଚିନ୍ତା, ବ୍ୟଗ୍ରତା, ଉତ୍କଣ୍ଠାରେ ଆକ୍ରାନ୍ତ ମଣିଷମାନେ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଶ୍ୱାସ ପ୍ରଦର୍ଶନ କରନ୍ତି। ସେମାନଙ୍କର ଶ୍ୱାସ ଅଧିକ ଓଜନଦାର, ଦ୍ରୁତ ହୁଏ ଏବଂ ଶ୍ୱାସର ପରିମାଣ ବା ମାତ୍ରା ବୃଦ୍ଧିପାଏ। ଯେଉଁ ମଣିଷର ଲମ୍ବା ସମୟ ପାଇଁ ଅଧିକ ଶ୍ୱାସକ୍ରିୟା ହୁଏ ସେ ସବୁବେଳେ ଚିନ୍ତାଗ୍ରସ୍ତ, ବ୍ୟଗ୍ର, ଉତ୍କଣ୍ଠିତ ରହେ, କାରଣ ତା'ର ରକ୍ତରେ ଅମ୍ଳଜାନ, ଅଂଗାରକାମ୍ଳ ଓ ଯବକ୍ଷାରଜାନର ସନ୍ତୁଳନ ବିକ୍ଷୁବ୍ଧ ଅବସ୍ଥାରେ ଥାଏ। ଫଳସ୍ୱରୂପ ଶରୀର ଅମ୍ଳଜାନରୁ ବଂଚିତ ହୁଏ ଏବଂ ବ୍ୟଗ୍ରତା, ଉତ୍କଣ୍ଠାର ଲକ୍ଷଣଗୁଡ଼ିକ ପ୍ରକାଶପାଏ।

ପ୍ରତିଦିନ ଆମେ ଅନେକ ପରିଚିତ ଅପରିଚିତ ଲୋକଙ୍କ ସଂପର୍କରେ ଆସୁ। ଜାଣିବାକୁ ପାଉ କାହାର ଗଳା ନିକଟରେ ଅସ୍ତ୍ରୋପଚାର ହୋଇଥିଲା, କିଛି ବର୍ଷ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେଲା, ନିୟମିତ ଔଷଧ ଖିଆ ଚାଲିଥିଲା, ଏବେ କେମୋଥେରାପି ଚାଲିଛି। କାହାର ପରିସ୍ରା ସମସ୍ୟା ପାଇଁ କ୍ୟାଥେଟର୍ ଲାଗିଥିଲା, ପ୍ରୋଷ୍ଟେଟ୍ ପ୍ରୋବ୍ଲେମ୍ ଜଣାପଡ଼ିବାରୁ ରାପଲିଫ୍ ଡ଼ି ୮/୦.୫ ଔଷଧ ଖିଆ ହେଉଥିଲା, ଏବେ ୟୁରିମାକ୍ସ ଖାଇଲେ ପରିସ୍ରା ପତଳା ହୋଇ ନିର୍ଗତ ହେଉଛି। କିଏ ଡାଇବେଟିସ୍ ପାଇଁ ଗ୍ଲିମିପ୍ରେକ୍ସ ଏମ୍.ଏଫ୍-୨ ଅର୍ଥାତ୍ ୫୦୦ ଏମ୍.ଜି ସହିତ ମଲ୍ଟି ଭିଟାମିନ୍ ଖାଉଥିଲା, ଏବେ ଇନ୍‌ସୁଲିନ୍ ନନେଲେ ନଚଳେ। କିଏ ହାଇ ବ୍ଲଡ଼ପ୍ରେସର୍ ପାଇଁ 'ଆମ୍ଲୋକାଇଣ୍ଡ ଏଚ୍' ଦୈନିକ ଗୋଟିଏ ଲେଖାଁ ଖାଉଛି। କାହାର ଆଞ୍ଜିଓଗ୍ରାମ୍ ହୋଇ ହାର୍ଟ୍‌ରେ ବ୍ଲକେଜ୍ ଜଣାପଡ଼ିଲା, ଷ୍ଟେଣ୍ଟ୍ ଲାଗିଛି। କାହାର ବ୍ଲାକ୍‌ଷ୍ଟୁଲ୍ ହବାରୁ ଏଣ୍ଡୋସ୍କୋପି ହେଲା, ଡୁଏଡେନାଲ୍ ଅଲ୍‌ସର୍ ହୋଇଛି ଜଣାପଡ଼ିବାରୁ ରାଜୋ-୨୦, ସୁକ୍ରାଲ୍ ସିରପ୍ ଖାଉଛି। କାହାର ଆଡ୍ରେନଏଡ୍ ଗ୍ଲାଣ୍ଡ ଫୁଲିଯିବାରୁ ଦୀର୍ଘ ଦିନ ଜ୍ୱରରେ ପଡ଼ିଲା। କାହାର ଗୋଟିଏ ଗୋଡ଼ ଆକ୍ସିଡ଼େଣ୍ଟରେ ଭାଙ୍ଗିଗଲା, ଅପରେସନ୍ ହେଲା, ଗୋଡ଼ଟି ଅଚଳ। ହାଇ ବ୍ଲଡ଼ପ୍ରେସର୍ ଥିଲେ ବି ନିୟମିତ ଔଷଧ ଖାଇଲା ନାହିଁ, ଫଳରେ ବ୍ରେନ୍ ଷ୍ଟ୍ରୋକ୍ ହେଲା, ଆଉ ଗୋଡ଼ଟିରେ ପାରାଲିସିସ୍, ଘର ଭିତରେ ହ୍ୱିଲ୍ ଚେୟାର୍‌ରେ ବସି ଯିବା ଆସିବା। କାହାର ସ୍ପାଇନାଲ୍ କର୍ଡ୍ ଦୁଇଥର ଅପରେସନ୍ ହେଲାପରେ ବି ଫେଲିଓର୍, ଗୋଡ଼ ଦୁଇଟି ଅଚଳ। କିଏ ପାଇଲ୍‌ସ୍‌ରେ ଆକ୍ରାନ୍ତ, ପାଇଲିୟମ୍ ବଟିକା ଖାଇ ଖାଇ ଭଲ ନହେବାରୁ ଏବେ ଆୟୁର୍ବେଦିକ୍ ଔଷଧ ଖାଉଛି, ପିତା କଷା ଗୁଣ୍ଡ ୧ ଚାମଚ ସହିତ ୨ ଚାମଚ ଗୁଡ଼ ଗୋଳେଇ। କାହାର ପୁଅ ଝିଅଙ୍କ ବାହାଘର ପାଇଁ ଅନେକ ପ୍ରସ୍ତାବ ଆସୁଛି, କେଉଁଠି ମଙ୍ଗଳ ଦୋଷ, କେଉଁଠି ଭକୁଟ ଦୋଷ, ନାଡ଼ୀ ଦୋଷ ପାଇଁ ବାହାଘର ହୋଇପାରୁନାହିଁ। 'ମଧ ନାଡ଼ୀ' ପଡ଼ିଲେ ବାହାଘର ବନ୍ଦ। ଅନେକତ୍ର ରାଜଯୋଟକ ହେଉନାହିଁ। ଆଉ କିଏ ତା ପୁଅକୁ ଗୋଟେ ଝିଅ ସହିତ ବାହାଘର ପାଇଁ ସ୍ଥିର କଲା, ଜ୍ୟୋତିଷ କହିଲେ ଦୁଇଜଣଙ୍କର ଏକ ରାଶି, ଏକ ନକ୍ଷତ୍ର, ରାଜଯୋଟକ, ଅତ୍ୟନ୍ତ ଶୁଭକାରକ, ପୁନଶ୍ଚ କମ୍ପ୍ୟୁଟର୍‌ରେ ଦୁଇ ଜଣଙ୍କ ଜାତକ ମେଳ କରିବାରୁ ଜଣାପଡ଼ିଲା ୩୬ ରୁ ୨୮ ନମ୍ବର ପ୍ରାପ୍ତ ହେଉଛି, ୟୁନିଅନ୍ ଇଜ୍ ଭେରି ଗୁଡ୍। ବାହାଘର ହେଲା। ପୁଅ ବୋହୂ ନିଜ ଦେଶରେ କିଛି ମାସ ଚାକିରି କଲାପରେ ବିଦେଶ ଗଲେ। ସେଠାରେ ଦୁଇ ବର୍ଷ ପରେ ପରସ୍ପରକୁ ଡିଭୋର୍ସ୍ କଲେ। ଜ୍ୟୋତିଷଙ୍କ ଗଣନା ଓ କଂପ୍ୟୁଟରର ତଥ୍ୟ ଭୁଲ ପ୍ରମାଣିତ ହେଲା। ପାଶ୍ଚାତ୍ୟ ଦେଶରେ ବାହାଘରର ୩ବର୍ଷ ଭିତରେ ଶତକଡ଼ା ୭୧ଭାଗ ଡିଭୋର୍ସ୍ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

ମଣିଷର ଅନ୍ତର ଭିତରେ ଯେମିତି ଅନ୍ତର୍ଯୁଦ୍ଧ ଦେହର ରୋଗ, ମନର ଚିନ୍ତା ଅଶାନ୍ତି ବିକାରକୁ ନେଇ, ଅନ୍ତର ବାହାରେ ସେମିତି ବହିର୍ଯୁଦ୍ଧ ପରିବାର ଓ ସମାଜରେ ବ୍ୟକ୍ତି ବ୍ୟକ୍ତି, ବିଶ୍ୱରେ ଦେଶ ଦେଶ ମଧ୍ୟରେ ଲଢ଼େଇକୁ ନେଇ। ଏବେ ବିଶ୍ୱବାସୀଙ୍କ ଟେନ୍‌ସନ୍‌ର ଆଉ ଏକ ପ୍ରମୁଖ କାରଣ ହେଉଛି ଏ.ଆଇ ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍ ଅର୍ଥାତ୍ କୃତ୍ରିମ ଉପାୟରେ ବିକଶିତ ହୋଇଥିବା ବୌଦ୍ଧିକ କ୍ଷମତା। ବିଶ୍ୱର ପ୍ରଥମ ଚାଳକବିହୀନ ମଟରଗାଡ଼ି 'ଟେସ୍‌ଲା'ର ଉଦ୍‌ଭାବନ ଦିଗରେ ମୁଖ୍ୟ ପ୍ରେରକ ବା ସଂଚାଳକ ଶକ୍ତି ଭାବରେ କାର୍ଯ୍ୟ କରିଥିବା ଏଲନ୍ ମସ୍କ ଓ ଅନ୍ୟମାନେ ଆମକୁ ଆମର ଜୀବନ ଉପରେ କମ୍ପ୍ୟୁଟର୍, ରୋବଟ୍ ଓ ଅନ୍ୟାନ୍ୟ ଉଦ୍‌ଭାବନ ଆକାରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍‌ର ପ୍ରଭାବ ବା ପ୍ରଭୁତ୍ୱ ସମ୍ବନ୍ଧରେ ସତର୍କ କରାଇଦିଅନ୍ତି। ମସ୍କ କହନ୍ତି ଯେ ଆମେ ସୃଷ୍ଟି କରିଥିବା 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅମର ବା ଅବିନାଶୀ ଏକଚ୍ଛତ୍ରବାଦୀ ହେବ ଓ ସମଗ୍ର ମାନବଜାତିକୁ ଦାସ ବା ଗୋଲାମ କରି ରଖିବ। 'ମଣିଷ- ଏକଚ୍ଛତ୍ରବାଦୀ'ମାନେ ମରଣଶୀଳ ଓ ଶେଷରେ ମରନ୍ତି। କିନ୍ତୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ 'ଅମର ଏକଚ୍ଛତ୍ରବାଦୀ' ହେବ, ଯାହାର କବଳରୁ ଆମେ ନିଜକୁ ମୁକ୍ତ କରିବାର ଆଶା କରିପାରିବା ନାହିଁ। ଆର୍ଥର୍ ସି.କ୍ଲାର୍କଙ୍କ ଲିଖିତ ପୁସ୍ତକ "୨୦୦୧: ଏ ସ୍ପେଶ୍ ଓଡ଼େଶୀ'ରେ 'ହାଲ୍' ନାମକ ଏକ ସୁପର୍ କମ୍ପ୍ୟୁଟର୍‌ର ବର୍ଣ୍ଣନା ରହିଛି ଯେଉଁ କମ୍ପ୍ୟୁଟର୍‌ଟି ଗୋଟେ ମାନବଯୁକ୍ତ ଅନ୍ତରୀକ୍ଷ ମିଶନ୍‌କୁ ସଂଚାଳିତ କରିବା ପାଇଁ ପ୍ରସ୍ତୁତ ହୋଇଛି, କିନ୍ତୁ ଦୁଷ୍ଟତାଯୁକ୍ତ ହୋଇ ଅନ୍ତରୀକ୍ଷ ଯାନ ଚାଳକଦଳଙ୍କ ଜୀବନକୁ ବିପଦାପନ୍ନ କରିଛି।

ଏବେ ଲକ୍ଷ୍ୟ କରାଯାଉଛି, ମଣିଷ ଯେଉଁ ଯନ୍ତ୍ରଗୁଡ଼ିକୁ ଉଦ୍‌ଭାବନ କରୁଛି, ଶେଷରେ ସେଗୁଡ଼ିକର ଦାସତ୍ୱ ବରଣ କରୁଛି। ଯନ୍ତ୍ର ଉପରେ ମାତ୍ରାଧିକ ନିର୍ଭରଶୀଳତା ମଣିଷକୁ ଅବକ୍ଷୟ ପଥରେ ନେଇଯାଉଛି। ଯାବତୀୟ ଚିନ୍ତାରେ ଭାରାକ୍ରାନ୍ତ ମଣିଷର ମନ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଯନ୍ତ୍ର-ସଭ୍ୟତା ପ୍ରଭାବରେ ଅଧିକ ଚିନ୍ତାଗ୍ରସ୍ତ, ଚାପଯୁକ୍ତ ହୋଇ ଅକଳ୍ପନୀୟ ଓ ଅଭୂତପୂର୍ବ ଶାରୀରିକ ଓ ମାନସିକ ଅସୁସ୍ଥତାର କାରଣ ହେବା ନିଶ୍ଚିତ।

ଜାତୀୟ ସ୍ତରର କିଛି ପ୍ରାଶାସନିକ ଅଧିକାରୀ ପ୍ରାଦେଶିକ ସ୍ତରର ଅଧିକାରୀଙ୍କୁ ହେୟ ଜ୍ଞାନ କରନ୍ତି। ଉଭୟ ଜାତୀୟ ଓ ପ୍ରାଦେଶିକ କିଛି ପଦାଧିକାରୀ ସେମାନଙ୍କ ଅଧସ୍ତନ କର୍ମଚାରୀଙ୍କୁ ତୁଚ୍ଛ ମଣନ୍ତି। ସେମାନଙ୍କ ଅଫିସ୍‌ରେ କମ୍ପ୍ୟୁଟର୍ ଥାଏ, ଆଧୁନିକ ଟେକ୍ନୋଲୋଜିଯୁକ୍ତ ଯନ୍ତ୍ରପାତି ଥାଏ, ମାଳମାଳ କର୍ମଚାରୀ ଥାଆନ୍ତି; ରେସିଡେନ୍ସରେ ମାଳୀ, ରୋଷେୟା ଓ ଅନ୍ୟ ସହାୟକମାନେ ବି ଥାଆନ୍ତି। ତେବେ ସେମାନେ ଅଧସ୍ତନ କର୍ମଚାରୀଙ୍କୁ 'ଶାଳା' ଶବ୍ଦ ସହିତ ଜାତିଆଣ ଆକ୍ଷେପ କରି ଗାଳିଦିଅନ୍ତି। ଏଇଟା ଶାରୀରିକ ମାନସିକ ଚାପ ଜନିତ ନା ଔଦ୍ଧତ୍ୟଜନିତ? ଉତ୍ତର ନିଶ୍ଚିତ ହେବ ଔଦ୍ଧତ୍ୟଜନିତ। ଏବେ ଆମ ସମାଜରେ ଅଳ୍ପ ଲୋକଙ୍କ ଔଦ୍ଧତ୍ୟ ପାଇଁ ବହୁ ଲୋକ ଶାରୀରିକ ଓ ମାନସିକ କ୍ଲେଶ ଭୋଗୁଥିବାର କଥା ସ୍ପଷ୍ଟ ଅନୁଭୂତ ହେଉଛି। ରୋଗ ହେଲେ ରୋଗୀ ଓ ତା'ର ସଂପର୍କୀୟଙ୍କର ଶାରୀରିକ, ମାନସିକ ଚାପ ରହିବ। ବ୍ୟକ୍ତି ବ୍ୟକ୍ତି, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଲଢ଼େଇ ହେଲେ ବ୍ୟକ୍ତିଗତ, ସାମୂହିକ ସ୍ତରରେ ଅବିକଳ ସେହିଭଳି ଚାପ ଅବଶ୍ୟ ରହିବ। କିନ୍ତୁ ଔଦ୍ଧତ୍ୟର ଚାପ ସର୍ବାଧିକ, ଯାହା ବ୍ୟକ୍ତି ଓ ବିଶ୍ୱ ଜୀବନର ଘୋର ଅକଲ୍ୟାଣ ସାଧନ କରିବ। କିଛି ରାଜନେତାଙ୍କ ମଧ୍ୟରେ କି ଆକ୍ଷେପ, ପ୍ରତିଆକ୍ଷେପ! ପ୍ରଶାସକଙ୍କ ମଧ୍ୟରେ କି ଦୋଷାରୋପ, ପ୍ରତି ଦୋଷାରୋପ! କଳାଧନରେ ବଳୀୟାନ ଧନଶାଳୀମାନଙ୍କର କି କର୍ମବିମୁଖତା, ପରନିର୍ଭରତା! ସବୁ ସ୍ତରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କି ଅସହିଷ୍ଣୁତା, ପରଶ୍ରୀକାତରତା! ଘର ବାରଣ୍ଡାରୁ ସଂସାର ବ୍ରହ୍ମାଣ୍ଡ ଯାଏ ମଣିଷ ପ୍ରତି ମଣିଷର କି ଅସତ୍ ବ୍ୟବହାର, ଅବିଚାର! ଏ ସବୁ ଔଦ୍ଧତ୍ୟଜନିତ। ଏହିଥିରୁ ତ ସୃଷ୍ଟି ହେଉଛି ଦେହ ଓ ମନ ସମ୍ବନ୍ଧୀୟ ଯାବତୀୟ ଜ୍ୱାଳା ଓ ଯାତନା। ଯେମିତି ଶାରୀରିକ ରୋଗରୁ ମୁକ୍ତିପାଇଁ ବିଜ୍ଞାନ-ପ୍ରସ୍ତୁତ ଔଷଧ ଓ ସଂଯତ ଦୈହିକ ସାଧନା ଆବଶ୍ୟକ, ଠିକ୍ ସେମିତି ମାନସିକ ରୋଗର ଉପଶମ ପାଇଁ ଆଧ୍ୟାତ୍ମିକତାରେ ପ୍ରତିଷ୍ଠିତ ପାରସ୍ପରିକ ମୈତ୍ରୀ, ମମତା, ଉଦାରତାର ଭାବ ଆବଶ୍ୟକ। ମଣିଷ ଯନ୍ତ୍ର ଉପରେ ମାତ୍ରାଧିକ ନିର୍ଭର ନକରୁ। ଅତ୍ୟାଧୁନିକ ଖାଦ୍ୟ ପେୟ ସମେତ ଆଭିଜାତ୍ୟପୂର୍ଣ୍ଣ ଜୀବନଶୈଳୀରେ ପରିବ[illegible]ନ ହେଉ। ସବୁ ବର୍ଗର ମଣିଷଙ୍କ ମଧ୍ୟରେ ଶ୍ରଦ୍ଧା ସମ୍ମାନ ଅତୁଟ ରହୁ। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯୁଦ୍ଧର ଅନ୍ତ ହେଉ। ବ୍ୟକ୍ତି ଅହଂର ବିନାଶ ହେଉ। ଦାମ୍ପତ୍ୟ ଜୀବନରେ, ପରିବାରରେ ଶାନ୍ତି ବିରାଜମାନ କରୁ। ଦେଖିବେ ସମସ୍ତଙ୍କର ଶାରୀରିକ, ମାନସିକ ଚାପ କେମିତି କ୍ରମେ କ୍ରମେ ହ୍ରାସ ପାଇଯାଉଛି। ଇରାନ୍‌ର ଶେଷ ମହାନ୍ ରହସ୍ୟବାଦୀ ସୁଫି କବି ଜାମି 'ଇନ୍‌ଫିକିୟତ୍' ଶବ୍ଦ ବ୍ୟବହାର କରନ୍ତି, ଯାହାର ସମାର୍ଥବୋଧକ ସଂସ୍କୃତ ଶବ୍ଦ ହେଉଛି 'ସହମର୍ମିତା', ଅର୍ଥାତ୍ ପ୍ରତି ମଣିଷର ହୃଦୟର ନିଭୃତ କୋଣରେ ଏକ ଆବେଗ ରହିଥାଏ, ସେହି ଆବେଗଟି ହେଉଛି ନିଜକୁ ଓ ଅନ୍ୟକୁ ଭଲପାଇବାର। ପାକିସ୍ତାନର ଉର୍ଦ୍ଦୁ କବି ଦିଲାୱାର୍ ଫିଗାର୍ କହନ୍ତି, 'ମୁଝ ମେଁ, ତୁଝ ମେଁ ନା କୋଇ ତଫାୱାତ୍ ରହେ / ୟୁଁ ଏକ୍ ହୋଁ କେ ନା କୋଇ ଇଜାହତ୍ ରହେ', ଅର୍ଥାତ୍ "ଆମ ଦୁହିଁଙ୍କ ଭିତରେ କୌଣସି ଫରକ କେବେ ରହିବ ନାହିଁ / ଚାଲ ଆମେ ଏକ ହୋଇଯିବା।" ଉର୍ଦ୍ଦୁ-ପାର୍ଶୀ କବି ନଶ୍‌ତାର୍ କହନ୍ତି, 'କୋଇ ଖାମୋସ୍ ଅସ୍କ ବାହାୟେ କୋଶୌଁ ଦୂର୍ / ମେରି ଆଁଖେଁ ଗିଲି ନାଁ ହୋଁ, ମୁଝେ ନହିଁ ମଞ୍ଜୁର', ଅର୍ଥାତ୍ 'କେହି ଜଣେ ସୁଦୂରରେ ଲୁହ ଝରାଉଛି / ମୋ' ଆଖି କିପରି ଲୁହହୀନ ହୋଇ ରହିପାରିବ?' ସାଧାରଣ ଲୋକଙ୍କ ଭୋଟରେ ବିଜୟୀ ରାଜନେତାମାନେ, ଜାତୀୟ ଓ ପ୍ରାଦେଶିକ ସ୍ତରର ପଦାଧିକାରୀମାନେ ଏହି କଥାଟିକୁ ସ୍ମରଣ ରଖନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୨୩

## ଦ୍ରୋଣ ପ୍ରତିଶୋଧ ନେଲେ-୧

ବ୍ରାହ୍ମଣ ଭରଦ୍ୱାଜଙ୍କ ପୁଅ ଦ୍ରୋଣ । ବେଦ ବେଦାଙ୍ଗ ପଢିସାରିବା ପରେ ଦ୍ରୋଣ ଧନୁର୍ବିଦ୍ୟାରେ ମନନିବେଶ କଲେ । ପାଞ୍ଚାଳ ରାଜାଙ୍କ ପୁଅ ଦ୍ରୁପଦ ଆଶ୍ରମରେ ଦ୍ରୋଣଙ୍କର ସହପାଠୀ ଥିଲେ । ବାଳକ ଦ୍ରୁପଦ ଅନେକ ସମୟରେ ଦ୍ରୋଣଙ୍କୁ କହୁଥିଲେ – ମୁଁ ରାଜା ହେଲେ ତୁମକୁ ଅଧା ରାଜ୍ୟ ଦେଇଦେବି । ଅବଶ୍ୟ ବାଲ୍ୟ ଚପଳତାରେ କହୁଥିଲେ ।

ପାଠ ପଢା ସଂପୂର୍ଣ୍ଣ ହେବା ପରେ, କୃପାଚାର୍ଯ୍ୟଙ୍କ ଭଉଣୀଙ୍କୁ ଦ୍ରୋଣ ବିବାହ କଲେ । ଏବଂ ତାଙ୍କର ପୁଅଟିଏ ହେଲା । ଯାହାର ନାମ ଅଶ୍ୱତ୍ଥାମା । ସ୍ତ୍ରୀ ଓ ପୁଅଙ୍କୁ ଅତି ଭଲ ପାଉଥିଲେ ଦ୍ରୋଣ । ସେମାନଙ୍କୁ ଭଲରେ ରଖିବା ପାଇଁ ତାଙ୍କର ଧନ ସଂପଦର ଆବଶ୍ୟକତା ପଡ଼ିଲା । କିନ୍ତୁ ସେ ଥିଲେ ଗରିବ ବ୍ରାହ୍ମଣ । ତେବେ କେଉଁଠୁ ଧନସଂପଦ ପାଇବେ ? ଭାବିହେଲେ ଦ୍ରୋଣ ।

ଏହି ସମୟରେ ଶୁଣିଲେ, ପର୍ଶୁରାମ ତାଙ୍କର ଧନ ସଂପଦ ସବୁ ବ୍ରାହ୍ମଣଙ୍କ ମଧ୍ୟରେ ବଣ୍ଟନ କରୁଛନ୍ତି । କାରଣ, ସେ ଅରଣ୍ୟବାସ କରିବାକୁ ନିଷ୍ପତ୍ତି ନେଇଥିଲେ । ଦ୍ରୋଣ ଭାବିଲେ – ମୁଁ ପର୍ଶୁରାମଙ୍କ ନିକଟକୁ ଯିବି ଓ ପାଇବି କିଛି ଧନ । ଏଇପରି ଭାବି ସେ ପହଞ୍ଚିଲେ ପର୍ଶୁରାମଙ୍କ ପାଖରେ । କିନ୍ତୁ ବିଳମ୍ବ ହୋଇଯାଇଥିଲା । ପର୍ଶୁରାମ ବଣ୍ଟନ କାର୍ଯ୍ୟ ଶେଷ କରିସାରିଥିଲେ ।

ପର୍ଶୁରାମ କହିଲେ – "ତୁମକୁ କିଛି ଦେଇପାରୁନି ଦ୍ରୋଣ । ଯଦି ଚାହିଁବ ତୁମକୁ କିଛି ବିରଳ ଶସ୍ତ୍ରଶିକ୍ଷା ଦାନ କରିବି ।" ସେଇଆ ହେଲା । ଦ୍ରୋଣ ପର୍ଶୁରାମଙ୍କ ଠାରୁ ଶସ୍ତ୍ରଶିକ୍ଷା କଲେ ।



ଯାହା ସେ ପୂର୍ବରୁ ଶିକ୍ଷା କରିନଥିଲେ ।

ବର୍ତ୍ତମାନ ଦ୍ରୋଣ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସାମରିକ ବିଶାରଦ । ସେ ଭାବିଲେ, କୌଣସି ରାଜାଙ୍କ ପାଖରେ ଜଣେ ସାମରିକ ପ୍ରଶିକ୍ଷକ ଭାବେ ସେ ଯୋଗଦେବେ ଓ ରାଜାନୁଗ୍ରହ ଲାଭକରିବେ । ସେତେବେଳକୁ ତାଙ୍କର ସହପାଠୀ ଦ୍ରୁପଦ ପାଞ୍ଚାଳରାଜ୍ୟର ରାଜା ହୋଇସାରିଥିଲେ । ତାଙ୍କ ପିତାଙ୍କ ମୃତ୍ୟୁ ପରେ ।

ସେ ରାଜା ଦ୍ରୁପଦଙ୍କ ନିକଟରେ ପହଞ୍ଚିଲେ । ତାଙ୍କୁ ମନେପକେଇଦେଲେ, ପାଠପଢା ବେଳର କଥା । କିନ୍ତୁ ଦ୍ରୁପଦ ରାଜା ହେବାପରେ ପୂରା ବଦଳିଯାଇଥିଲେ । ଦ୍ରୋଣଙ୍କର 'ବନ୍ଧୁ' ବୋଲି ସମ୍ବୋଧନ ତାଙ୍କୁ ଭଲ ଲାଗିଲା ନାହିଁ । ଏହା କୁହାଯାଇପାରେ, ଦ୍ରୁପଦ ଧନସଂପଦ ଓ କ୍ଷମତା ମୋହରେ ଅନ୍ଧ ହୋଇଯାଇଥିଲେ ।

ସେ କହିଲେ – ହେ ବ୍ରାହ୍ମଣ ! ଜଣେ ରାଜାଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରିବାକୁ ତୁମକୁ ଲାଜ ଲାଗୁନାହିଁ ? ଜଣେ ରାଜା ସହ ଜଣେ ଭିକାରୀ ବ୍ରାହ୍ମଣର ବନ୍ଧୁତା କ'ଣ ସମ୍ଭବ ? ପିଲାଦିନେ କେବେ ସହପାଠୀ ଥିଲ । ସେଇଆକୁ ଆଜିପର୍ଯ୍ୟନ୍ତ ଧରିବସିଛ ?

ଅପମାନିତ ହୋଇ ଦ୍ରୋଣ ଫେରିଆସିଲେ । ତାଙ୍କ ହୃଦୟରେ କ୍ରୋଧ ଭୟଙ୍କର ରୂପ ଧାରଣକଲା । ସେ ଶପଥ କଲେ, ରାଜା ଦ୍ରୁପଦଙ୍କ ଉପରେ ପ୍ରତିଶୋଧ ନେବେ ।

ପରେ ପ୍ରତିଶୋଧ ନେବି । ବର୍ତ୍ତମାନ ନିଯୁକ୍ତି ଦରକାର – ଭାବିଲେ ଦ୍ରୋଣ । ସେ ହସ୍ତିନାପୁରରେ ପହଞ୍ଚିଲେ । ସେଠାରେ କୃପାଚାର୍ଯ୍ୟଙ୍କ ଘରେ କେତୋଟି ଦିନ ରହିଲେ ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ମହାଶିବରାତ୍ରୀ

*ଜଗଦୀଶ ସାହୁ*

ଶିବ ଶିବ ଭଜି ମନରେ
ଶିବାଳୟ ଯିବୁ ଧନରେ
ଶିବ ଦରଶନ ଅଟେ ମହାପୁଣ୍ୟ
ମହାଶିବରାତ୍ରୀ ଦିନରେ
ହାତ ଯୋଡ଼ି ଆଖି ବୁଜିବୁ
ଦୀପଜାଳି ପାଦ ପୂଜିବୁ
କୃପା କଲେ ହର ଦୁଃଖ ହେବ ଦୂର
ମୋ କଥାକୁ ଧନ ହେଜିବୁ
ଶିବ ପଞ୍ଚାକ୍ଷର ଗାଇବୁ
ବେଲପତ୍ର ଭୋଗ ପାଇବୁ
ଭକ୍ତି ହୃଦୟରେ ନିଷ୍କାମ ଚିତ୍ତରେ
ସାଷ୍ଟାଙ୍ଗେ ପ୍ରଣାମ ହୋଇବୁ
ଶିବ ପରା ଗତି ମୁକତି
ଦୀନ ଦୁଃଖୀ ଜନ ଶକତି
ଶିବ ଆଶୁତୋଷ ହୋଇବେ ସନ୍ତୋଷ
ଦେଖି ତୋ' ଅନ୍ତର ଭକତି ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*





# ବସନ୍ତ କହିଲା ହସି

*ପ୍ରଫୁଲ୍ଲ କୁମାର ସାହୁ*

ଫେରିଲା ଶୀତ ଆସି ବସନ୍ତ
କହିଲା ଧୀରେ ହସି,
ଆସରେ ପିଲେ ଖେଳିବା ରଙ୍ଗ
ସଭିଏଁ ଆମେ ମିଶି ।୧

ଆମ୍ବ ଗଛରେ ବଉଳ ପେନ୍ଥା
ବଢାଏ ଗଛ ଶୋଭା,
ଦୂରକୁ ଦିଶେ କେଡ଼େ ସୁନ୍ଦର
କିବା ଉପମା ଦେବା ।୨

ପତର ମେଳେ ଗଛ ଡାଳରେ
କୋଇଲି ନାନୀ ବସି,
କୁହୁ କୁହୁ ତା' ଗୀତର ତାଳେ
ସଭିଙ୍କୁ ବାଣ୍ଟେ ଖୁସି ।୩

ଜାଗର ପାଇଁ ମନ୍ଦିର ବେଢ଼ା
ଦେଖ ସଜେଇ ହୋଇ,
ସ୍ୱାଗତ କରେ ଭକତ ଜନେ
ଦୀପ ଜାଳିବା ପାଇଁ ।୪

ଦୋଳ ଯାତରେ ବିମାନେ ଝୁଲି
ରାଧା ମାଧବ ଆସି,
ଖାଇବେ ଭୋଗ ବାଣ୍ଟିବେ ଖୁସି
ଦୋଳ ବେଦୀରେ ବସି ।୫

ଭୋଗ ଲଗାଇ ମୁଣ୍ଡିଆ ମାରି
ମନର କଥା କହି,
ଲୋଡ଼ିବା ଆମେ ତାଙ୍କ ଆଶିଷ
ଜଗତ ଖୁସି ପାଇଁ ।୬

ହସ ଖୁସିର ଏହି ପରବ
ପାଳିବା ଆମେ ମିଶି,
ଦୋଳ ଯାତରେ ସାଥୀ ମେଳରେ
ଖେଳିବା ରଙ୍ଗ ହସି ।୭

*ଯଦୁ - ମାଳତୀ କୃପା ନିବାସ,*
*ଶକ୍ତି ବିହାର / ବାଲିପଡ଼ା,*
*ମାହାଙ୍ଗା, କଟକ- ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*



# ଘୁରାଉ ଥାନ୍ତି ମୋ ମଥା

*ସୁରମା ମିଶ୍ର*

ମାଙ୍କଡ ପିଲାଟି କହିଲା ବାପାହେ
ଯିବା ଆମେ କୁମ୍ଭମେଳା
ପ୍ରୟାଗ କ୍ଷେତ୍ର ରେ ବୁଡ଼ ପକାଇବା
କର ନାହିଁ ତୁମେ ହେଳା

ମଣିଷ ଜନ୍ମଟେ ପାଇବା ପାଇଁ କି
ଡାକିବା ଦେଇଣ ଭକ୍ତି
ଆମ ଡାକ ଶୁଣି ଖୁସି ହେବେ ପ୍ରଭୁ
ଦେବେ ସେ ଆମକୁ ମୁକ୍ତି

ମଣିଷ ଜନମ ପାଇଲେ ବାପା ହେ
କରିବି ମୁଁ ଭଲ କାମ
ନିଜ ସ୍ୱାର୍ଥ ଭୁଲି ପର ଉପକାରେ
ଦେବି ସଦା ମୋର ମନ

ମାଙ୍କଡ ପିଲାଟେ ହୋଇଛି ବୋଲି ମୁଁ
କିଛି କରି ପାରୁନାହିଁ
ଦୂରୁ ଦେଖି ଲୋକେ ବାଡିଟେ ଧରିଣ
ଗୋଡାନ୍ତି ମାରିବା ପାଇଁ

ଆମକୁ ନଚେଇ ପଇସା ପାଆନ୍ତି
ମନ କଥା ବୁଝନ୍ତିନି
ନାଚି ନାଚି ଆମେ ଥକିଗଲେ ମଧ
ଶିଙ୍କୁଳି ଟା ଖୋଲନ୍ତିନି

ଆମେ ପରା ତାଙ୍କ ପୂର୍ବ ପୁରୁଷ ହେ
ଏ କଥା କହନ୍ତି ଜନେ
କିପରି ସେମାନେ ଭୁଲି ଯାଉଛନ୍ତି
ପକାଉ ନାହାନ୍ତି ମନେ

ମୋ ପୂର୍ବପୁରୁଷ ରାମଚନ୍ଦ୍ରଙ୍କର
ଥିଲେ ତ ପରମ ଭକ୍ତ
ଲଢେଇ କରିଲେ ଦେହରୁ ତାଙ୍କର
ଦେଇ ଶେଷ ବିନ୍ଦୁ ରକ୍ତ

ମୁଣ୍ଡେ ବୋହି ସିଏ ପଥର ଖଣ୍ଡ ହେ
ବାନ୍ଧି ଥିଲେ ସେତୁ ବନ୍ଧ
ସେଥିପାଇଁ ସିନା ରାମଚନ୍ଦ୍ରଙ୍କର
ଲଙ୍କାରେ ପଡ଼ିଲା ପାଦ

ସ୍ନେହ ଶ୍ରଦ୍ଧା ଦେଇ ମଣିଷ ମାନେ ହେ
ଆମକୁ ପାଳିଲେ ନେଇ
କେତେ ଉପକାର କରିଥାନ୍ତେ ଆମେ
ମଣିଷ ସମାଜ ପାଇଁ

ତାଙ୍କ ପାଖେ ରହି ତାଙ୍କଠୁ ବାପା ହେ
ଶିଖନ୍ତି ମୁଁ କେତେ କଥା
ଭଲ କାମ କିଛି କରିବା ପାଇଁ କି
ଘୂରାଉ ଥାନ୍ତି ମୋ ମଥା ।

*ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଆସିଛି ଜାଗର ଦୀପଟିଏ ଦେବା ଜାଳି

*ନଳିନୀ ଦାଶ*



ଆସିଛି ଜାଗର ହୋଇ ଉଜାଗର
ଦୀପଟିଏ ଦେବା ଜାଳି
ପ୍ରଭୁ ମହାଦେବ ହୋଇବେ ସନ୍ତୋଷ
ଦୁଃଖ ରୋଗ ଦେବେ ଟାଳି
ଶିବଙ୍କ ମଥାରେ ଚନ୍ଦନ ଲଗାଇ
ଢାଳିଦେବା ଗାଈ କ୍ଷୀର
ଅରଖ ଗୟସ ଦୂର୍ଦୁରା ଚମ୍ପକ
ଗୁନ୍ଥି ପିନ୍ଧେଇବା ହାର
ପ୍ରଭୁଙ୍କ ମଥାରେ ଚଢେଇବା ଆମେ
କେତକୀ ବେଲପତର
ନୈବେଦ୍ୟ ବାଢ଼ିବା ତୁଣ୍ଡରେ ଗାଇବା
ଆମେ ଶିବ ପଞ୍ଚାକ୍ଷର
ବାଘ ଛାଲ ତୁମ ବସନ ଭୂଷଣ
ସାପ କରି ଗଳାହାର
ଭସ୍ମ ଲେପିଅଛ ଶରୀରେ ତୁମର
ଜଟାରେ ଗଙ୍ଗାର ଧାର
ଶରଣ ରକ୍ଷଣ ହେ ଶିବଶଙ୍କର
ହାତରେ ଡମ୍ବରୁ ଧରି
ମଶାଣି ଜଗୁଛ ତ୍ରିଶୂଳ ଧରିଛ
ସଂସାରକୁ ତ୍ୟାଗ କରି
ସଂସାର ପାଳକ ଅଗତିର ଗତି
ତୁମେ ପରା ମହେଶ୍ୱର
ମଥାରେ ତୁମର ଚନ୍ଦ୍ର ସୂର୍ଯ୍ୟଙ୍କର
ସ୍ଥାନ ହେ ଚନ୍ଦ୍ରଶେଖର
ସାପର ଗରଳ ପିଇ ବୋଲାଇଲ
ତୁମେ ନୀଳକଣ୍ଠେଶ୍ୱର
ତୁମେ ମହାଯୋଗୀ ସଂସାର ବୈରାଗୀ
ତିନି ଲୋକର ଇଶ୍ୱର
ଅଜ୍ଞାନ ଅନ୍ଧାର ଦୂରେଇବା ପାଇଁ
ଜଳିଥାଏ ମହାଦୀପ
ପୁଣ୍ୟ ତପ ବଳେ ତୁମ ଦରଶନେ
ମୋଚନ ହୁଅଇ ପାପ ।



*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ମାଟ୍ରିକ ଟିପ୍ସ....

*ରତିକାନ୍ତ ଜେନା*



ଆସରେ ଆସ ଦଶମ ପିଲା
ପୀରୀକ୍ଷା ଦେବା ହସି
ମନରେ କିଛି ଚିନ୍ତା ନ କରି
ମନକୁ ରଖିବା ଖୁସି...

ଭୟମୁକ୍ତ ହୋଇ ପରୀକ୍ଷା ଦେଲେ
ପରୀକ୍ଷା ହେବ ଭଲ
ସୁନ୍ଦର ସୁନ୍ଦର ଅକ୍ଷର କରି
ଆଗକୁ ମାଡିଚାଲ...

ଆସିବ ଯାହା ଆଗେ ଲେଖିବା
ପଛକୁ ରଖିବା ବାକି
ସବୁ ପ୍ରଶ୍ନର ଉତ୍ତର ଦେବା
ସୁନ୍ଦର ଅକ୍ଷର ଲେଖି...

ଛାଡ଼ିବା ନାହିଁ କୌଣସି ପ୍ରଶ୍ନ
ମନରୁ ଉତ୍ତର ଦେବା
ନବେ ପ୍ରତିଶତ ନମ୍ବର ରଖିବା
ସମସ୍ତେ ହୋଇବେ ବାବା...

ବିଦ୍ୟାଳୟର ଏ ଶେଷ ପରୀକ୍ଷାରେ
ରଖିବା ଶିକ୍ଷକ ମାନ
ଯାହା ଆଶୀର୍ବାଦ ତୁମ ସାଥେ ଅଛି
କରିବା ତାଙ୍କରି ଗାନ...

ଅକ୍ଷର ଲେଖିବା ପଢିହେଲା ଭଳି
ସରସ୍ୱତୀ ହେବେ ସାହା
ଚତୁରତା ସହ ଉତ୍ତର ଲେଖିବା
ଗଣେଶ କରିବେ ଦୟା.....

*ବିଲବଲରାମପୁର, କେନ୍ଦ୍ରାପଡ଼ା*
*ମୋ-୭୦୭୭୨୮୬୫୮୦*

# ସଦାଶିବ ଶରଣମ୍

*ଅମରନାଥ ବାରିକ*

ତୁମେ ଆଶୁତୋଷ ବାବା ନୀଳକଣ୍ଠ
ବିଷପାନ କଲ ସଂସାର ପାଇଁ
କି ମାୟା ରଚିଲ ଆହେ ବିଶ୍ୱନାଥ
ମାନବ ସମାଜ କଲ୍ୟାଣ ଚାହିଁ

ଦେଲ ତୁମ ଅସ୍ତ୍ର ସଂଘାର ନିମନ୍ତେ
ଜନନୀ ଅମ୍ବିକା ଦଶଭୁଜାଙ୍କୁ
ମାତା ପାର୍ବତୀଙ୍କ ପୋଛି ଅଶ୍ରୁଧାର
ଯୋଡ଼ିଲ ଗଣେଶ କଟା ମୁଣ୍ଡକୁ

ତାଣ୍ଡବ ରଚିଲ ଆହେ ତ୍ରିପୁରାରୀ
କୁଣ୍ଡରୁ ସତୀଙ୍କୁ ସଙ୍ଗରେ ଧରି
ଦେଖାଇଲ ରୂପ ଜଟାଜୁଟ ଖୋଲି
ହାତରେ ଡମ୍ବରୁ ବାଦନ କରି

ପ୍ରକମ୍ପିତ କଲ ତ୍ରିପୁରକୁ ତୁମେ
ଭୟଭୀତ ହେଲେ ଦେବତାଗଣ
ବିଷ୍ଣୁ ଭଗବାନ ସୁଦର୍ଶନ ଚକ୍ରେ
ସତୀଙ୍କ ଦେହକୁ କଲେ ଛେଦନ

ସୁମରଣା କଲେ ଛୋଟା ଅନ୍ଧ କାଲ
ପ୍ରାପତ ଚରଣ ନୟନ କର୍ଣ୍ଣ
ପଥ ଚାଲିଯାଇ ତ୍ରିନାଥମେଳା ଯେ
ଦେଖିଲେ ଶୁଣିଲେ ହୋଇଲେ ଧନ୍ୟ

କି ଲୀଳା ବର୍ଣ୍ଣିବି ତୁମେ ଲୀଳାମୟ
ଭାବର ଠାକୁର ପତିତନାଥ
ତୁମ ପାଦ ପୂଜେ ଦିନ ଅକୀଞ୍ଚନ
ଅରକ୍ଷିତ ଏହି ଅମରନାଥ

ହେ ନନ୍ଦୀବାହନ ନାମ ପଞ୍ଚାନନ
ଭକତଙ୍କ ତୁମେ ଜୀବନ ଧନ
ମୁଦ୍ରିତ ତୁମର ତୃତୀୟ ନୟନ
କୃପା କର ପ୍ରଭୁ କୃପାନିଧାନ

ହେ ଆଦିଗୋଚର ହେ ସତ୍ୟ ସୁନ୍ଦର
ପୂଜିତ ସକଳ ଦେବତାସୁର
ଭୂଧରକୁ ଧର ଦେବେ ଅଗୋଚର
ବିଶ୍ୱ ରକ୍ଷାକର ହେ ମହେଶ୍ୱର

ବିଭୂତି ଲେପନ କାମକୁ ମର୍ଦ୍ଦନ
କରିଥାଅ ଯୋଗବଳେ ସାଧନ
ଚର୍ମକୁ ଧାରଣ ସୃଷ୍ଟିକୁ ଧାରଣ
କରିଅଛ ନିଜେ ତ ନାରାୟଣ

ହସ୍ତରେ ତ୍ରିଶୂଳ କର୍ଣ୍ଣରେ କୁଣ୍ଡଳ
ପିନ୍ଧିଛ ନୟନଧାରେ କଜଳ
ପିଉଛ ଗରଳ କଣ୍ଠ ଦିଶେ ନୀଳ
ମସ୍ତକେ ଚନ୍ଦ୍ରମା ଗଙ୍ଗା ଉଜ୍ୱଳ

ଧବଳ କର୍ପୂର ତେଜରେ ଭାସ୍କର
ବାଜୁଥାଏ ତବ ପାଦେ ନୂପୂର
ଚନ୍ଦ୍ରମା ଭାସ୍କର କାନ୍ତି ପ୍ରଭାକର
ସୂଚିତ ମଣ୍ଡନ କର୍ମେକେଶ୍ୱର

ହେ ଶିବ ଶଙ୍କର ତୁମେ ମହେଶ୍ୱର
କମଳ ଲୋଚନ ହେ ସୁରେଶ୍ୱର
ନାଗେଶ ଭୂଷଣ ଆହେ ଗଙ୍ଗାଧର
ପ୍ରଣମେ ପାମର ହେ ନାଗେଶ୍ୱର ।

*କୟାଁ, ମଙ୍ଗଳପୁର, ଯାଜପୁର- ୭୫୫୦୧୧*
*ଦୂରଭାଷା- ୯୫୪୦୩୦୮୦୯୫*

# କହିଲ ଦେଖି

*ସୁନୀଲ କୁମାର ପ୍ରଧାନ*

୧.ମୃତ୍ୟୁଞ୍ଜୟ ତାଙ୍କ ନାମଟି ଜାଣ
ଘରଟି ତାଙ୍କର ଅଟେ ଶ୍ମଶାନ
ଦେବତାଙ୍କ ଦେବ ଅଟନ୍ତି ସେହି
ରାଗିଲେ କାହାକୁ ଛାଡ଼ନ୍ତି ନାହିଁ
କୁହ କୁହ ତାଙ୍କ ନାମଟି କେହି ।
୨. ହଳା ହଳ ବିଷ ପାନ କରିଲେ
ଧରାକୁ ଆମର ରକ୍ଷା କରିଲେ
ତାଙ୍କରି ଉଦ୍ଦେଶ୍ୟ ପର୍ବ ହୁଅଇ
ଏହି ଉପବାସ ଜନ କରଇ
କିଏ ଜାଣିଛ ଦିଅନ୍ତୁ କହି ।
୩ . ମାଟି ଦେହରେ ଗଢ଼ାଟି ସେହି
ପୂଜା ପର୍ବରେ ଆଗରେ ରହି
ମସ୍ତକରେ ତାର ନିଆଁ ଜଳଇ
ଶିବ ରାତ୍ରରେ ଲୋଡା ହୁଅଇ
ଜାଣିଥିଲେ ଦିଅ ନାମ ବତାଇ ।
୪. କଣ୍ଟା ବାଡ଼ରେ ତାହାରି ଘର
ଜାଗର ରାତିରେ ସେ ଦରକାର
ଶିବଙ୍କ ପାଖରେ ଲାଗି ହୁଅଇ
ଦୁଇ ଅକ୍ଷରରେ ନାମଟି ହୋଇ
ଯିଏ କହିବ ଚତୁର ସେଇ ।

*ଝାଟିପଦର, ପାଲୁର, ଗଂଜାମ*
*ମୋ- ୬୬୦୯୯୩୪୩୬୬*

# ତୁମ ତୂଳୀରୁ ...



ଶାଶ୍ୱତ ବାରିକ , ଶ୍ରେଣୀ- ଚତୁର୍ଥ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୨ , କଟକ



ଶୁଭନାରାୟଣ ଶତପଥୀ

# ମାଧମାଷ୍ଟ୍ରେଙ୍କ ମାର୍ଗଦର୍ଶନ

ନିପଟ ମଫସଲ ଗାଁଟିଏ । ଗାଁର ଶେଷମୁଣ୍ଡରେ ଏକ ବିଦ୍ୟାଳୟ । ବିଦ୍ୟାଳୟର ପରିବେଶ ବେଶ୍ ମନଲୋଭା । ସୁନ୍ଦର ଫୁଲ ବଗିଚା । ଆକର୍ଷଣୀୟ ମୁକ୍ତ ବ୍ୟାୟାମଶାଳା, ପାକଶାଳା ବଗିଚା ଆଦି ସହିତ ଆନନ୍ଦମୟ ପାଠପଢା ଛାତ୍ରଛାତ୍ରୀଙ୍କ ମାନସିକତାକୁ ପରିପୁଷ୍ଟ କରୁଥାଏ । ଆଖପାଖ ପାଞ୍ଚଖଣ୍ଡ ଗାଁରୁ ପିଲାମାନେ ସେଠାକୁ ପଢିବାକୁ ଆସନ୍ତି ମାଧମାଷ୍ଟ୍ରେ ହେଉଛନ୍ତି ସେହି ବଦ୍ୟାଳୟର ବିଜ୍ଞାନ ଶିକ୍ଷକ । ଛାତ୍ରଛାତ୍ରୀଙ୍କର ବିଜ୍ଞାନରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ସବୁପ୍ରକାର ଚେଷ୍ଟା କରନ୍ତି ମାଧମାଷ୍ଟ୍ରେ । ଘରକୁ ପଛରେ ପକାଇ ଛାତ୍ରଛାତ୍ରୀଙ୍କ ପାଇଁ ବାହାରି ପଡନ୍ତି ବିଜ୍ଞାନରେ ଜ୍ଞାନବୃଦ୍ଧି କରିବାକୁ । ସେଥିପାଇଁ ସେହି ବିଦ୍ୟାଳୟ ଓ ଜାତୀୟ ସ୍ତରରେ ବିଜ୍ଞାନ ପ୍ରତିଯୋଗିତାରେ ବେଶ୍ ନାଁ କରିଛି ।

ଥରେ ମାଧମାଷ୍ଟ୍ରେ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀଙ୍କୁ କହିଲେ । ଏଥର ନିର୍ଦ୍ଦିଷ୍ଟ ବିଷୟ ନଦେଇ ନିଜ ଚାରିପାଖରେ ଉପଲବ୍ଧି କରୁଥିବା ସମସ୍ୟାକୁ ନେଇ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି କରିବାପାଇଁ କହିଲେ । ଶ୍ରେଷ୍ଠ ଅଭିନବ ପ୍ରକଳ୍ପକୁ ମଧ୍ୟ ପୁରସ୍କୃତ କରାଯିବ ବୋଲି କହିଲେ ମାଧମାଷ୍ଟ୍ରେ । କିଛି ଛାତ୍ରଛାତ୍ରୀ ଏଥିରେ ଆଗ୍ରହ ପ୍ରକାଶ କଲେ । ସେମାନେ ଘରକୁ ଯାଇ ନିଜର ବାପାମାଆମାନଙ୍କୁ କହିଲେ । ବାପାମାଆମାନେ ମଧ୍ୟ ନିଜର ପିଲାଙ୍କ ପ୍ରକଳ୍ପ ପ୍ରସ୍ତୁତିକୁ ନେଇ ବ୍ୟସ୍ତ ହୋଇପଡିଲେ । କିଛି ପିତାମାତାମାନେ ପରଦିନ ବିଦ୍ୟାଳୟକୁ ଯାଇ ମାଧମାଷ୍ଟ୍ରେଙ୍କୁ କହିଲେ, ସାର୍ ଆମ୍ଭେମାନେ ଏତେ ନିପଟ ମଫସଲରେ ରହୁଛୁ କେମିତି ଏ ସବୁ ପ୍ରକଳ୍ପ ପ୍ରସ୍ତୁତି କରିବୁ ? ମାଧମାଷ୍ଟ୍ରେ ବେଶ୍ ନମ୍ରତାରର ସହିତ କହିଲେ ଭାଇମାନେ ଆପଣମାନଙ୍କର ପିଲାମାନେ ହିଁ ପ୍ରକଳ୍ପ ପ୍ରସ୍ତୁତ କରିବେ । ଆପଣମାନେ ତାଙ୍କୁ କେବଳ ସହଯୋଗ କରିବେ । ସମସ୍ୟାକୁ ସେମାନେ ଚିହ୍ନଟ କରିବେ ଓ ତାର



ସମାଧାନ କେମିତି ହେବ ତାହା ମଧ୍ୟ ସେ ବାହାର କରିବେ । ଏଥିପାଇଁ ମୁଁ ସେମାନଙ୍କୁ ସହଯୋଗ କରିବି । ପିତାମାତା ପ୍ରକଳ୍ପ ପ୍ରସ୍ତୁତ କରିବାକୁ କୁହାଯାଇନାହିଁ । ସାର୍‌ଙ୍କ କଥା ଶୁଣି ପିତାମାତାମାନେ ଆଶ୍ୱସ୍ତ ହେଲେ । ପିଲାମାନେ ପ୍ରକଳ୍ପ ପ୍ରସ୍ତୁତିରେ ଲାଗିପଡିଲେ । ଅଭିଭାବକ ଓ ମାଧମାଷ୍ଟ୍ରେ ସହଯୋଗ କଲେ ।

ସେଦିନଥାଏ ୨୮ ଫେବୃଆରୀ ଅର୍ଥାତ୍ ଜାତୀୟ ବିଜ୍ଞାନ ଦିବସ । ବଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ଚିରାଚରିତ ଢଙ୍ଗରେ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି କରି ଆଣିଲେ । ସେଗୁଡିକ ଦେଖିବାକୁ ପ୍ରାୟ ଏକାଭଳି ଥିଲା । ସେଥିରେ ନୂତନତ୍ୱ ନଥିଲା । ତେବେ ପ୍ରଦର୍ଶନୀର ଶେଷଭାଗରେ ବସିଥାଏ ସନ୍ତୋଷ । ତାର ପ୍ରକଳ୍ପ ଦେଖିବାକୁ ଗଲେ ମାଧମାଷ୍ଟ୍ରେ ଓ ବିଜ୍ଞାନ ପ୍ରକଳ୍ପ କମିଟି । ସନ୍ତୋଷ ତାଙ୍କ ଗାଁର ଏକ ସମସ୍ୟା ନେଇ ପ୍ରକଳ୍ପ ପ୍ରସ୍ତୁତ କରିଥିଲା । ଅନେକଥର ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ବନ୍ୟଜନ୍ତୁ ପଶି ଆସୁଥିବାରୁ ଫସଲ କ୍ଷତି ହେବା ସହ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ଏଣୁ ବନ୍ୟଜନ୍ତୁ ଜଙ୍ଗଲ ସୀମାକୁ ଆସିବା ମାତ୍ରେ ଗାଁ ଲୋକେ ସୂଚନା ପାଇବା ଓ ସତର୍କ ହୋଇ ସେମାନଙ୍କୁ ଘଉଡାଇବା ନିମନ୍ତେ ଏକ ଅଭିନବ ପ୍ରକଳ୍ପ ପ୍ରସ୍ତୁତ କରିଥିଲା । ଏହା ସହିତ ସେ ଶବ୍ଦକୁ ଏପରିଭାବେ ବିକଶିତ କରିଥିଲା ଯେ ଜଙ୍ଗଲର ଜୀବଜନ୍ତୁ ସେ ଶବ୍ଦଶୁଣି ଜଙ୍ଗଲକୁ ଫେରିଯିବେ । ଏ ପ୍ରକଳ୍ପ ଦ୍ୱାରା ମଣିଷ ଓ ଜୀବଜନ୍ତୁ ଉଭୟ ପରସ୍ପର ସେମାନଙ୍କ ସୀମାରେ ରହିବେ । ଫଳରେ ମଣିଷମାନଙ୍କର ଓ ଚାଷର କ୍ଷତି କମ୍ ହେବ । ସ୍ଥାନୀୟ ଆବଶ୍ୟକତାକୁ ନେଇ ସନ୍ତୋଷ ପ୍ରସ୍ତୁତ କରିଥିବା ଅଭିନବ ପ୍ରକଳ୍ପ ବେଶ୍ ପ୍ରଶଂସିତ ହେଲା । ମାଧମାଷ୍ଟ୍ରେ କହିଲେ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତିର ଉଦ୍ଦେଶ୍ୟ ହିଁ ସନ୍ତୋଷ ସଠିକ୍ ଭାବରେ ପାଳନ କରିଛି । ମାଧମାଷ୍ଟ୍ରେ ସନ୍ତୋଷର ପିଠି ଆପୁଡାଇଦେଇ କହିଲେ ଏ ହିଁ ହେଉଛି ଶ୍ରେଷ୍ଠ ପ୍ରତିଯୋଗୀ । ଅଉ ସନ୍ତୋଷ କହୁଥିଲା ଆପଣଙ୍କ ମାର୍ଗଦର୍ଶନ ଦ୍ୱାରା ହିଁ ଏହା ସମ୍ଭବ ହୋଇଛି ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*

ଉତ୍କଳ ଦୀପିକା

ଭୁବନେଶ୍ୱର
୨୭ ଫେବୃୟାରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ପ୍ରୟାଗରାଜରେ ମହାକୁମ୍ଭ ମେଳା ଉଦ୍‌ଯାପିତ

# ୭୦ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପକାଇଲେ ବୁଡ଼



**ପ୍ରୟାଗରାଜ, ୨୬।୦୨**

ଏପଟେ ମହାଶିବରାତ୍ରି, ସେପଟେ ମହାକୁମ୍ଭର ବୁଧବାର ଶେଷ ଦିନ ଓ ଶେଷ ରାତି। ତେଣୁ ଅନ୍ତିମ ଦିନରେ ଅନ୍ତିମ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପବିତ୍ର ଶିବରାତ୍ରିରେ ସଙ୍ଗମରେ ସ୍ନାନ କରିବାକୁ ସାରା ଦେଶରୁ କୋଟି କୋଟି ଶ୍ରଦ୍ଧାଳୁ ଆସିଥିଲେ। ମହାକୁମ୍ଭ ବୁଧବାର ସରୁଥିବାରୁ ଶେଷ ଦିନରେ ବି କେହି ସୁଯୋଗ ଛାଡ଼ିନଥିଲେ । ମହାକୁମ୍ଭର ଶେଷ ଦିନରେ ଅସମ୍ଭାଳ ଭିଡ଼ ହେବା ନେଇ ଆନୁମାନ କରାଯାଇଥିବା ବେଳେ ଏହି ଅନ୍ତିମ ଦିନ ଯୋଗୀ ସରକାରଙ୍କ ପାଇଁ ବଡ ଚାଲେଞ୍ଜ ସୃଷ୍ଟି କରିଥିଲା। ବୁଧବାର ଗୋଟିଏ ଦିନରେ ୨ କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଅନୁମାନ କରାଯାଉଥିବା ବେଳେ ସକାଳ ଠାରୁ ଦିନ ୧ଟା ଯାଏଁ ୧ କୋଟି ଲୋକ ବୁଡ଼ ପକାଇ ସାରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସେପଟେ ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ଏହି ମହାକୁମ୍ଭରେ ବୁଧବାର ଯାଏଁ ଅର୍ଥାତ ଆରମ୍ଭ ଦିନରୁ ଶେଷ ଦିନର ଅପରାହ୍ନ ଯାଏଁ ୬୬ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ବୁଧବାର ରାତି ସୁଦ୍ଧା ଆହୁରି ଲକ୍ଷ ଲକ୍ଷ ଲୋକ ବୁଡ ପକାଇଥିବା ଜଣାପଡ଼ିଛି। ମହାକୁମ୍ଭର ଶେଷ ପର୍ଯ୍ୟାୟ ସୁଦ୍ଧା ୭୦ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଥିବା ଅନୁମାନ କରାଯାଉଛି।



ଭୁବନେଶ୍ୱର : ପବିତ୍ର ମହାଶିବରାତ୍ରୀ ପାଳନ ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)









ଭୁବନେଶ୍ୱର : ରାଜଧାନୀର ଏକାମ୍ର କ୍ଷେତ୍ର ସମେତ ବିଭିନ୍ନ ଶୈବ ପୀଠରେ ମହା ଆଡ଼ମ୍ବରରେ ଜାଗର ଯାତ୍ରା ପାଳିତ। (ଫଟୋ : ସମ୍ବାଦ କଳିକା)

## ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି

# କଠୋର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍

**କଟକ, ୨୬।୦୨**
**ନ୍ୟୁଜ୍‌ବ୍ୟୁରୋ**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ଲାଞ୍ଚ ମାମଲାରେ ସିବିଆଇ ପକ୍ଷରୁ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ଉ କରାଯାଇଥିଲା। ସିବିଆଇ ଅଧିକାରୀମାନେ ତାଙ୍କ ଘରେ ଚଢ଼ଉ କରି ରେକର୍ଡ଼ପତ୍ର ଯାଞ୍ଚ କରିଥିଲେ। ସିବିଆଇର ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଏସ.କେ. ପାଣିଗ୍ରାହୀ ମଙ୍ଗଳବାର ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ମାମଲାରେ ଜବାବ ଦାଖଲ ପାଇଁ ସିବିଆଇ ପକ୍ଷରୁ ସମୟ ନିଆଯାଇଛି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୪କୁ ଧାର୍ଯ୍ୟ ହୋଇଛି। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ଅଭିଯୋଗରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ଏଫ୍‌ଆଇଆରରେ ଆଇଏଏସ୍ ବିଷ୍ଣୁପଦଙ୍କ ନାଁ ନଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡ଼ପତ୍ର ଯାଞ୍ଚ କରାଯାଇଛି। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଦାଲତରେ ଦର୍ଶାଇଛନ୍ତି ଯେ, ସିବିଆଇ ତାଙ୍କ ନାଁରେ ଯେଉଁ ଅଭିଯୋଗ ଆଣି ଘରେ ଚଢ଼ଉ କରିଛି ସେଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ତାଙ୍କ ନାଁରେ ଏଫ୍‌ଆଇଆର ହୋଇନାହିଁ। ସିବିଆଇ ଚଢ଼ଉ ବେଳେ ତାଙ୍କ ଘରୁ କୌଣସି ସାମଗ୍ରୀ ଜବତ ହୋଇନାହିଁ। ତଦନ୍ତରେ ସବୁବେଳେ ସହଯୋଗ କରି ଆସୁଛି; ମାତ୍ର ସିବିଆଇ ନିଜ କ୍ଷମତାର ଅପବ୍ୟବହାର କରି ତାଙ୍କ ଘରେ ବାରମ୍ବାର ଚଢ଼ଉ କରିଆସୁଛି। ଏହା ଦ୍ୱାରା ତାଙ୍କର ଓ ତାଙ୍କ ପରିବାରର ସମ୍ମାନ ହାନି ଘଟୁଛି। ନିକଟରେ ତାଙ୍କର ଏବଂ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଫ୍ରିଜ୍ କରି ଦିଆଯାଇଛି। ଉକ୍ତ ଆକାଉଣ୍ଟ ସଚଳ କରିବା ସହ ସିବିଆଇର ବେଆଇନ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ଆବେଦନକାରୀ ଶ୍ରୀ ସେଠୀ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି। ଅଦାଲତ ମାମଲାର ପ୍ରାଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।




## ସୁଦାନରେ ବିମାନ ଦୁର୍ଘଟଣା: ୪୬ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୬।୦୨**

ସୁଦାନରେ ବୁଧବାର ଏକ ବଡଧରଣର ବିମାନ ଦୁର୍ଘଟଣା ଘଟିଛି। ସୈନ୍ୟମାନଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାର ଶିକାର ହୋଇଛି। ଓମଡୁରମାନ ସହରରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଅତି କମ୍‌ରେ ୪୬ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେନା ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ବୁଧବାର ଏହି ଘଟଣା ବିଷୟରେ ସୂଚନା ଦେଇଥିଲେ। ଏପି ରିପୋର୍ଟ ଅନୁଯାୟୀ, ସେନା ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଦୁର୍ଘଟଣାରେ ଅନେକ ସାମରିକ କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପଛର ମୁଖ୍ୟ କାରଣ ବିଷୟରେ କୌଣସି ସୂଚନା ନାହିଁ। ସୁଦାନ ସେନା ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ୱାଡି ସୟଦନା ଏୟାରବେସ୍‌ରୁ ଉଡ଼ାଣ ଭରିବା ସମୟରେ ସେନାର ଆଣ୍ଟୋନୋଭ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପାଞ୍ଚ ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି, ଯେଉଁମାନେ ଚିକିତ୍ସାଧୀନ ଅଛନ୍ତି। ଉଲ୍ଲେଖ ଥାଉ କି ସୁଦାନରେ ୨୦୨୩ ମସିହାରୁ ଗୃହଯୁଦ୍ଧ ଜାରି ରହିଛି । ଏଠାରେ ସେନା ଏବଂ କୁଖ୍ୟାତ ଅର୍ଦ୍ଧସାମରିକ ଦଳ ରାପିଡ ସପୋର୍ଟ ଫୋର୍ସ ମଧ୍ୟରେ ଉତ୍ତେଜନା ଯୁଦ୍ଧରେ ପରିଣତ ହୋଇଥିଲା। ଏହି ସଂଘର୍ଷ ସହରାଞ୍ଚଳ, ବିଶେଷକରି ଦାରଫୁର ଅଞ୍ଚଳକୁ ଧ୍ୱଂସ କରୁଛି ଏବଂ ଜାତିଗତ ହିଂସା ଭଳି ଭୟଙ୍କର ଘଟଣାଗୁଡିକୁ ଜନ୍ମ ଦେଉଛି। ଜାତିସଂଘ ଏବଂ ଅନ୍ତର୍ଜାତୀୟ ଅଧିକାର ସଂଗଠନଗୁଡ଼ିକ ଏହି ଘଟଣାଗୁଡ଼ିକୁ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ବୋଲି କହିଛନ୍ତି। ଗତ କିଛି ମାସ ମଧ୍ୟରେ ସେନା ଖାର୍ତୁମ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଆରଏସଏଫ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନକୁ ବୃଦ୍ଧି କରିଛି। ପ୍ରକୃତରେ, ଆରଏସଏଫ ପଶ୍ଚିମ ଡାରଫୁରର ଅଧିକାଂଶ ଅଞ୍ଚଳକୁ ନିୟନ୍ତ୍ରଣ କରେ। ଏହା ସୋମବାର ଦିନ ଦକ୍ଷିଣ ଦାରଫୁର ପ୍ରଦେଶର ରାଜଧାନୀ ନିଆଲାରେ ଏକ ସୁଦାନୀ ସାମରିକ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ଏପରି ଘଟଣା ସୁଦାନର ସଙ୍କଟକୁ ଆହୁରି ଜଟିଳ କରୁଛି। ନାଗରିକଙ୍କ ସୁରକ୍ଷା ଏବଂ ଶାନ୍ତି ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି।

## ସୁପାରୀ ଦେଇ ବରକୁ ହତ୍ୟା ଉଦ୍ୟମ: ମୁଖ୍ୟ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର, ୨୬।୦୨:ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ସୁପାରୀ ଦେଇ ବରକୁ ହତ୍ୟା ଉଦ୍ୟମ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଦେଓଗାଁ ଥାନା ମହଲେଇ ଗାଁର ସୁଶାନ୍ତ ବିଶ୍ୱାଳ। ସୁଶାନ୍ତଙ୍କୁ କଳାହାଣ୍ଡି ଜିଲ୍ଲାର ମୋହନଗିରିରୁ ଦେଓଗାଁ ପୋଲିସ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ଜଣେ ନାବାଳକ ସହ ୮ ଗିରଫ ହୋଇଥିଲେ। ଦେଓଗାଁ ଥାନା ବାବେଜୁରୀ ଗାଁରେ ବାହାଘର ହେବାର ଥିଲା। ଗାଇବାହାଲ ଗାଁର ରାଜକୁମାର ପ୍ରଧାନ ବର ସାଜି ବାବେଜୁରୀ ଗାଁକୁ ବରଯାତ୍ରୀରେ ଯାଇଥିଲେ। ଏହି ସମୟରେ ୧୦ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ବରଙ୍କୁ ଆକ୍ରମଣ ପାଇଁ ଯୋଜନା କରୁଥିବା ସମୟରେ ସେମାନଙ୍କୁ ନିର୍ଘୁମ ଛେଚିଥିଲେ ଗାଁ ଲୋକେ। ୭ ଜଣଙ୍କୁ କାବୁ କରି ଦେଓଗାଁ ପୋଲିସକୁ ଜିମା ଦେଇଥିଲେ। ପୋଲିସ ଯୁବକମାନଙ୍କଠାରୁ ମାରଣାସ୍ତ୍ର ସହିତ ଏକ ଦେଶୀ ପିସ୍ତଲ ଜବତ କରିଥିଲା।

## ମହିଳା ହୋମଗାର୍ଡଙ୍କୁ ପ୍ରତାରଣା : ଜେଲ୍ ଗଲେ ଅଭିଯୁକ୍ତ ପୁଲିସ ଇନ୍ସପେକ୍ଟର

**ଜଗତସିଂହପୁର, ୨୬।୦୨:ନ୍ୟୁଜ୍‌ବ୍ୟୁରୋ**

ମହିଳା ହୋମଗାର୍ଡଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ପ୍ରତାରଣା ଅଭିଯୋଗରେ ରସିକିଆ ଅଭିଯୁକ୍ତ ଇନ୍ସପେକ୍ଟର ତପନ ନାହାକ ଜେଲ୍ ଯାଇଛନ୍ତି। ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ୍ ପଠାଇ ଦିଆଗଲା।

ଅବିବାହିତ ମହିଳା ହୋମଗାର୍ଡଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପୁଲିସ ଅଧିକାରୀ ଜଣକ ପୂର୍ବରୁ ବିବାହିତ ଏବଂ ତାଙ୍କର ପିଲାଛୁଆ ଅଛନ୍ତି। ସେ କିଛି ବର୍ଷ ପୂର୍ବେ ଜଗତସିଂହପୁର ଟାଉନ ପୁଲିସ ଷ୍ଟେସନରେ ଏଏସଆଇ ଭାବରେ ନିଯୁକ୍ତ ହୋଇଥିଲେ। ସେତେବେଳେ ହୋମଗାର୍ଡ ଜଣକ ରାଇଟର୍ ଭାବରେ କାର୍ଯ୍ୟ କରୁଥିଲେ। ତେବେ ହୋମଗାର୍ଡ ସଂପୃକ୍ତ ପୁଲିସ ଅଧିକାରୀ ତପନ ନାହାକଙ୍କ ପ୍ରେମରେ ପଡ଼ିଗଲେ ଏବଂ ସେମାନଙ୍କ ସମ୍ପର୍କ ଗଭୀର ହେବା ସହିତ ଶାରୀରିକ ସମ୍ପର୍କ ମଧ୍ୟ ହୋଇଥିଲା। କିନ୍ତୁ କୁଜଙ୍ଗ ପୁଲିସ ଷ୍ଟେସନର ଆଇଆଇସି ଭାବରେ ବଦଳି ହେବା ପରେ ତପନ ନାହାକ ତାଙ୍କୁ ଏଡ଼ାଇ ଯିବା ଆରମ୍ଭ କରିଥିଲେ। ଜଗତସିଂହପୁର ପୁଲିସ ଅଧୀକ୍ଷକ (ଏସ୍‌ପି) ଭବାନୀ ଶଙ୍କର ଉଦ୍‌ଗାତା କହିଥିଲେ, ଜଣେ ମହିଳା ହୋମଗାର୍ଡ ଥାନାରେ ରାଇଟର ଭାବରେ କାମ କରୁଥିବା ସମୟରେ ଆଇଆଇସି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ରିପୋର୍ଟ କରିଥିଲେ। ଜଗତସିଂହପୁର ପୁଲିସ ଷ୍ଟେସନରେ ଏକ ମାମଲା ନଂ ୧୧୭/୨୫ ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି।



# ‘ଘୋର କଳିଯୁଗ’ : ୭୭ ବର୍ଷୀୟା ମା’ଙ୍କୁ ଭରଣପୋଷଣ ବିରୋଧରେ ଆବେଦନ କଲା ପୁଅ

**ନୂଆଦିଲ୍ଲୀ, ୨୬।୦୨**

ବାର୍ ଏବଂ ବେଞ୍ଚ ରିପୋର୍ଟ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କ ୭୭ ବର୍ଷୀୟା ମା’ଙ୍କୁ ୫,୦୦୦ ଟଙ୍କା ଭରଣପୋଷଣ ଦେବାକୁ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ଦାଖଲ କରିବା ପରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହାକୁ ‘କଳିଯୁଗର ଏକ ଉଦାହରଣ’ ବୋଲି କହି ବିଚାରପତି ଜସଗୁରପ୍ରୀତ ସିଂହ ପୁରୀ ସେହି ବ୍ୟକ୍ତିଙ୍କୁ ତିନି ମାସ ମଧ୍ୟରେ ସାଙ୍ଗରୁର ଫାମିଲି କୋର୍ଟରେ ତାଙ୍କ ମାଆଙ୍କ ନାମରେ ୫୦,୦୦୦ ଟଙ୍କା ଜମା କରିବାକୁ କହିଛନ୍ତି।

ଆବେଦନକୁ ଖାରଜ କରି କୋର୍ଟ କହିଥିଲେ ଯେ ଫାମିଲି କୋର୍ଟଙ୍କ ନିର୍ଦ୍ଦେଶରେ କିଛି ଅସୁବିଧା ନାହିଁ ଏବଂ ୫,୦୦୦ ଟଙ୍କାର ଭରଣପୋଷଣ ପରିମାଣ ‘ବହୁତ କମ୍ ଅଟେ’। “ଏହା କଳିଯୁଗର ଏକ କ୍ଲାସିକ୍ ଉଦାହରଣ ଯାହା ବର୍ତ୍ତମାନର ମାମଲାରେ ପ୍ରତିଫଳିତ ହୋଇଛି, ଯାହା ଏହି କୋର୍ଟର ବିବେକକୁ ଦୋହଲାଇ ଦେଇଛି। ପାସ୍ ହୋଇଥିବା ଆଦେଶରେ କୌଣସି ସମସ୍ୟା ନାହିଁ... ବରଂ, ଏହା ଉଲ୍ଲେଖ କରିବା ଅଯଥା ହେବ ନାହିଁ ଯେ ୫,୦୦୦ ଟଙ୍କା ମଧ୍ୟ ବହୁତ କମ୍,” ବୋଲି କୋର୍ଟ କହିଛନ୍ତି।

କୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭରଣପୋଷଣ ପରିମାଣ ବୃଦ୍ଧି କରିବା ପାଇଁ ବ୍ୟକ୍ତିଙ୍କ ମା’ଙ୍କ ଦ୍ୱାରା କୌଣସି ପୃଥକ ଆବେଦନ ଦାଖଲ କରାଯାଇ ନଥିଲା। ୭୭ ବର୍ଷୀୟ ମହିଳାଙ୍କ ସ୍ୱାମୀ ୧୯୯୨ ମସିହାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପୁଅ ଏବଂ ଗୋଟିଏ ଝିଅ ବିବାହିତ। ମହିଳାଙ୍କ ଆଉ ଏକ ପୁଅ ମଧ୍ୟ ଥିଲେ, ଯିଏ ମୃତ୍ୟୁବରଣ କରିଛନ୍ତି ଏବଂ ତାଙ୍କ ବିଧବା ପତ୍ନୀ ଓ ଦୁଇ ପୁଅଙ୍କୁ ଛାଡ଼ି ଚାଲିଯାଇଥିଲେ। ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ତାଙ୍କ ପୁଅ ଏବଂ ତାଙ୍କ ମୃତ ପୁଅର ପିଲାମାନଙ୍କୁ ୫୦ ବିଘା ଜମି ଦିଆଯାଇଥିଲା। ୧୯୯୩ ମସିହାରେ ତାଙ୍କୁ ଭରଣପୋଷଣ ଭାବରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେ ସେବେଠାରୁ ତାଙ୍କ ଝିଅ ସହିତ ରହୁଛନ୍ତି। ତାଙ୍କ ଆବେଦନରେ ମହିଳାଙ୍କ ପୁଅ ଯୁକ୍ତି ଦେଇଥିଲେ ଯେ ଯେହେତୁ ସେ ତାଙ୍କ ସହିତ ରହୁନଥିଲେ, ତେଣୁ ନିମ୍ନ କୋର୍ଟର ଆଦେଶ ଅବୈଧ ଥିଲା। ତଥାପି ମହିଳାଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ କହିଥିଲେ ଯେ ତାଙ୍କର କୌଣସି ଆୟର ଉତ୍ସ ନାହିଁ ଏବଂ ତାଙ୍କ ଦୈନନ୍ଦିନ ଜୀବିକା ପାଇଁ କୌଣସି ବିକଳ୍ପ ନାହିଁ। ମହିଳା ଜଣକ ଏହା ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ସେ ତାଙ୍କ ଝିଅର ଦୟାରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ଏକ “ଦୁର୍ଭାଗ୍ୟଜନକ ମାମଲା” ବୋଲି ଅଭିହିତ କରି ହାଇକୋର୍ଟ କହିଛନ୍ତି ଯେ ପୁରୁଷଙ୍କ ପାଖରେ ଆବେଦନ ଦାଖଲ କରିବାର କୌଣସି କାରଣ ନାହିଁ କାରଣ ତାଙ୍କ ମାଆଙ୍କ ପାଖରେ କୌଣସି ଆୟର ଉତ୍ସ ନାହିଁ।

“ଏହା ପ୍ରକୃତରେ ଏହି ଅଦାଲତର ବିବେକକୁ ଚକିତ କରିଛି ଯେଉଁଠାରେ ପୁଅ ତାଙ୍କ ନିଜ ମାଆଙ୍କ ବିରୁଦ୍ଧରେ ବର୍ତ୍ତମାନର ଆବେଦନ ଦାଖଲ କରିବାକୁ ବାଛିଛି, ଯଦିଓ ସେ ତାଙ୍କ ପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଏବଂ ତାଙ୍କ ୭୭ ବର୍ଷ ବୟସର ମାଆଙ୍କର କୌଣସି ଆୟର ଉତ୍ସ ନାହିଁ ଏବଂ ତାଙ୍କ ବିବାହିତ ଝିଅ ସହିତ ରହୁଛନ୍ତି,” କୋର୍ଟ କହିଛନ୍ତି।



## ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ
## ପ୍ରତିବାଦରେ ରାସ୍ତା ଅବରୋଧ

**କଟକ, ୨୬।୦୨**
**ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଆଠଗଡ଼ ଖୁଣ୍ଟୁଣୀ ମହାଲକ୍ଷ୍ମୀପୁର ରାଣୀବଣିଆ ଆଦର୍ଶ କାରାଗାରରେ ସନ୍ଦେହଜନକ ଭାବେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ପଙ୍କାଳ ଗାଁର ତୟାବ ଖାଁ ବୋଲି ଜଣାପଡ଼ିଛି। କିଛି ଦିନ ତଳେ ତୟାବ ଏକ ମାମଲାରେ ରାଣୀବଣିଆ କାରାଗାରରେ ଥିଲେ। ସେଠାରେ ସେ ବିଚାରାଧୀନ କଏଦୀ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସେପଟେ ଘଟଣାକୁ ନେଇ ଉତ୍ୟକ୍ତ ଲୋକେ ଖୁଣ୍ଟୁଣୀ ନରସିଂହପୁର ୬୫ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ତିଗିରିଆ ପୁଲିସ୍ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅଧିକ ତଦନ୍ତ ଜାରି ରଖିଛି।


ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ସମ୍ପାଦକୀୟ ପୃଷ୍ଠା-୪

### ଏକ ଦେଶ ଏକ ନିର୍ବାଚନ ଅଗଣତାନ୍ତ୍ରିକ ନୁହେଁ : ଆଇନ ମନ୍ତ୍ରଣାଳୟ

### ରାଜ୍ୟରେ ମ୍ୟାଲେରିଆ ସ୍ଥିତି ଚିନ୍ତାଜନକ: ୪ ବର୍ଷରେ ମରିଛନ୍ତି ୨୮ ରୋଗୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


ରବିବାସରୀୟ କଳିକା

### ଓଡ଼ିଶାରେ ଦେଶର ୩% ଗାଡ଼ି : ବର୍ଷକରେ ଯାଇଛି ୩୭୧୭ ଜଣଙ୍କ ଜୀବନ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com